ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଭାରତ ଆଜି ଇତିହାସ ରଚିଛି। ୧୩୦ କୋଟି ଭାରତୀୟ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଥିବାବେଳେ ପୂର୍ବ ଭାରତର ଆଦିବାସୀ ସମୁଦାୟର ଜଣେ ଝିଅ ଆମ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସେ ଆମ ନାଗରିକ ବିଶେଷକରି ପଛୁଆ ବର୍ଗର ଲୋକଙ୍କ ପାଇଁ ଆଶାର କିରଣ ଭଳି ଉଭା ହୋଇଛନ୍ତି।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁର୍ମୁ ଦେଶର ୧୫ଶ ରାଷ୍ଟ୍ରପତି ଭାବେ ଚୟନ ହୋଇଛନ୍ତି। ଦେଶର ସର୍ବୋଚ୍ଚ ପଦବୀରେ ଓଡ଼ିଆ ଝିଅ ଚୟନ ହୋଇଥିବାରୁ ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବର ଦିନ। ଓଡ଼ିଶା ମାଟିର ଝିଅଙ୍କୁ ଅନେକ ଶୁଭେଚ୍ଛା।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



ଆଜିର ଦିନ ବିଶେଷ ଭାବେ ସମସ୍ତ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ରାଷ୍ଟ୍ରପତି ପାଇଁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତରଫରୁ ପ୍ରାର୍ଥୀ ହୋଇଥିବା ଓଡ଼ିଶା ମାଟିର ଗର୍ବ, ଗୌରବ ତଥା ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟର ଏକ ଉପାନ୍ତ ଜିଲାର ରାଇରଙ୍ଗପୁର ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ମୁର୍ମୁ ଆଜି ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଇସିନା ହିଲ୍‌କୁ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ବାସ୍ତବରେ ପରିଣତ କରିଛନ୍ତି। ଏହା ରାଜ୍ୟବାସୀଙ୍କ ପାଇଁ ସ୍ୱାଧୀନତା ପରବର୍ତ୍ତୀ ସର୍ବଶ୍ରେଷ୍ଠ ଉପହାର।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**



ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ଜଣେ ଓଡିଆ ଭାବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହେବାକୁ ଯାଉଥିବାରୁ ମୁଁ ବହୁତ ଖୁସି।

**-ଶରତ ପଟ୍ଟନାୟକ, ପିସିସି ସଭାପତି**



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି।



ପଞ୍ଚଦଶ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ । ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ହେବାରେ ଦ୍ରୌପଦୀ ହେଉଛନ୍ତି ପ୍ରଥମ ଆଦିବାସୀ ମହିଳା । ସାରା ଦେଶରେ ଦ୍ରୌପଦୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଓଡ଼ିଶା ମାଟିର ଝିଅ ହୋଇଥିବାରୁ ରାଜ୍ୟରେ ବେଶ୍ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଜନ୍ମମାଟିରେ ତାଙ୍କର ବିଜୟ ଉତ୍ସବକୁ ଘରେ ଘରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ପାରମ୍ପରିକ ନୃତ୍ୟ ପରିବେଷଣ କରି ମହିଳା, ପୁରୁଷ, ଛାତ୍ରୀଛାତ୍ରମାନେ ଖୁସିରେ ମସ୍‌ଗୁଲ ହୋଇଛନ୍ତି। ରାଜ୍ୟ ଭାଜପା ଏବଂ ବିଜେଡି କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀମାନେ ନାଚଗୀତ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଛନ୍ତି।





ଝାଡ଼ଖଣ୍ଡ ହଜାରିବାଗ୍ ବିଶ୍ୱବିଦ୍ୟାଳୟର ଏକ ସମାବର୍ତ୍ତନ ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନାଙ୍କୁ ଡକ୍ଟରେଟ ଉପାଧିରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି ତତ୍କାଳୀନ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ।



ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି ସମର୍ଥକଙ୍କ ସହ ଖୁସି ମନାଉଛନ୍ତି।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।



ଝିଅ ଓ ନାତୁଣୀଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ ଦ୍ରୌପଦୀ।



ଭାଜପା ନେତ୍ରୀ ଓ କର୍ମୀମାନେ ରାଜ୍ୟ କାର୍ଯ୍ୟାଳୟଠାରେ ଖୁସି ମନାଉଛନ୍ତି।



ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତା ଓ କର୍ମୀଙ୍କ ବିଜୟ ଉତ୍ସବ ପାଳନ ।





ରାଇରଙ୍ଗପୁରଠାରେ ଖୁସିରେ ମସ୍‌ଗୁଲ ଶୁଭେଚ୍ଛୁ ।

## ସଂକ୍ଷେପରେ

### ଦୁର୍ଘଟଣାରେ ପରିବା ବ୍ୟବସାୟୀ ମୃତ



**ମାର୍ଶାଘାଇ,୨୧ା୭ (ଡି.ଏନ.ଏ.):** ମାର୍ଶାଘାଇ ଥାନା ଜୁଣ ଗାଁର ଜଣେ ପରିବା ବ୍ୟବସାୟୀଙ୍କ ଟ୍ରକ ଧକ୍କାରେ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଚିତ୍ତରଞ୍ଜନ ବସନ୍ତିଆ(୫୨)। ଚିତ୍ତରଞ୍ଜନ ବୁଧବାର ରାତ୍ରି ପ୍ରାୟ ୧୨ଟାରେ ମାର୍ଶାଘାଇ ଥାନା ଓସ୍ତର ହାଟରୁ ପରିବା ବିକି ମାଲବାହୀ ଅଟୋରିକ୍ସା (ନଂ. ଓଡି ୨୯ ଏଫ୍ ୧୩୮୪)ରେ ଘରକୁ ଫେରୁଥିଲେ। ଏହି ସମୟରେ ମାର୍ଶାଘାଇ ଲକ୍ ଛକ ନିକଟରେ ଟ୍ରକ (ନଂ.ଓଆର ୦୯ ଇ ୧୦୫୩) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ଚିତ୍ତରଞ୍ଜନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ନଂ. ୨୮୨/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଟ୍ରକ ଏବଂ ଅଟୋରିକ୍ସାକୁ ଜବତ କରିଥିଲା।

### ଯୁବକଙ୍କ ଆତ୍ମହତ୍ୟା

**ଡେରାବିଶ, ୨୧ା୭(ସ୍ୱ.ପ୍ର.):** ଡେରାବିଶ ଥାନା ଖମୋଲ ପଞ୍ଚାୟତ ବିଶୋକ ଗାଁରେ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗାଁର ପ୍ରଫୁଲ୍ଲ ଜେନାଙ୍କ ପୁଅ ଧନେଶ୍ୱର (୧୮)। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ଗୁରୁବାର ସକାଳେ ମୃତକଙ୍କ ବାପା ପ୍ରଫୁଲ୍ଲଙ୍କଠାରୁ ଅଭିଯୋଗ ପାଇଁ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହକୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ଥାନାରେ ଅପମୃତ୍ୟୁ ମାମଲା (ନଂ.୭/୨୨) ରୁଜୁ ହୋଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନାରାୟଣ ମହାରଣା ସୂଚନା ଦେଇଛନ୍ତି।

### ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀଙ୍କୁ କାଳିଆ ଯୋଜନାରେ ସାମିଲ ପାଇଁ ନିର୍ଦ୍ଦେଶ

**ଆଳି,୨୧ା୭(ଡି.ଏନ.ଏ.):** ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀଙ୍କୁ କାଳିଆ ଯୋଜନାରେ ସାମିଲ କରିବାକୁ ରାଜ୍ୟ ମାନବାଧିକାର କମିଶନର ଆଳି ବିଡିଓଙ୍କୁ ଦେଇଥିବା ନିର୍ଦ୍ଦେଶ ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଦେସାହି ପଞ୍ଚାୟତ ଅଧୀନ ଡିହବାରିମୂଳ ଗାଁର କୃଷକ ସୁମନ୍ତ କୁମାର ସାମଲ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ସ୍ତ୍ରୀ ଗୋଟିଏ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ କର୍ମୀଭାବେ କାର୍ଯ୍ୟ କରନ୍ତି। ଏହାକୁ ଆଳ କରି ବିଭାଗୀୟ ଅଧିକାରୀ ସୁମନ୍ତ କୁମାର ସାମଲଙ୍କୁ କାଳିଆ ଯୋଜନାରୁ ବାଦ୍ ଦେଇଥିଲେ। ଏହା ଜାଣିବା ପରେ ସୁମନ୍ତ ୨୦୨୦ ଜୁନ ୪ରେ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରି ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ରାଜ୍ୟ ମାନବାଧିକାର କମିଶନ ଏହି ଅଭିଯୋଗର ବିଚାର କରି ତାଙ୍କର ଗୁରୁତ୍ୱପୂର୍ଣ୍ଣ ରାୟରେ ସୁମନ୍ତଙ୍କୁ ଜଣେ କୃଷକ ଦର୍ଶାଇବା ସହ ତାଙ୍କର ସ୍ତ୍ରୀ ଜଣେ ଅଙ୍ଗନୱାଡ଼ି କର୍ମୀ ହୋଇଥିଲେ ମଧ ତାଙ୍କୁ କାଳିଆ ଯୋଜନା ସହାୟତାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି କହିଥିଲେ। ଏହାସହ ତାଙ୍କୁ କାଳିଆ ଯୋଜନାରେ ସାମିଲ କରିବାକୁ କମିଶନର ଆଳି ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମାନବାଧିକାର କମିଶନରଙ୍କ ଏହି ରାୟ ସାଧାରଣରେ ଆଶ୍ୱସ୍ତି ଆଣି ଦେଇଛି।

# ବାଂଲାଦେଶୀ ଅନୁପ୍ରବେଶକାରୀ ଭର୍ତ୍ତି

**କେନ୍ଦ୍ରାପଡ଼ା ଅଫିସ, ୨୧ା୭**

- କର୍ମଚାରୀ, ଭିତ୍ତିଭୂମି ଅଭାବରେ ସାମୁଦ୍ରିକ ଥାନା
- ବାହାର ରାଜ୍ୟ ଲୋକଙ୍କ ପରିଚୟ ଖୋଜୁନାହାନ୍ତି ଘର ମାଲିକ
- ସୁରକ୍ଷା ପାଇଁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି ହେଉ

ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆସିଥିବା ୨୯,୨୪୯ଙ୍କ ମଧ୍ୟରୁ ଲାଇସେନ୍ସ ପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲାରେ ମାତ୍ର ୨୩ ଜଣ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏହି ସୂଚନା ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାନସଭାରେ ବୁଧବାର ଦେଇଛନ୍ତି। ବାସ୍ତବ କ୍ଷେତ୍ରରେ ବାହାର ରାଜ୍ୟ ତଥା ବାଂଲାଦେଶର ଅଣ ପଞ୍ଜୀକୃତ ଶ୍ରମିକ ଓ ଅନୁପ୍ରବେଶକାରୀ କେନ୍ଦ୍ରାପଡ଼ା ଜିଲାରେ ଭର୍ତ୍ତି ହୋଇଯାଇଛନ୍ତି। ଉପାନ୍ତ ଅଞ୍ଚଳ ଏବେ ବଙ୍ଗଭାଷୀଙ୍କ କବଳକୁ ଚାଲି ଯାଇଥିବା ବେଳେ ଜିଲା ସାରା ଅସ୍ତିତ୍ୱ ଦୃଢ଼ୀଭୂତ ହେଉଛି। କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ଜିଲାରେ ୩ ସାମୁଦ୍ରିକ ଥାନା, ବନ ବିଭାଗ ଓ ତଟରକ୍ଷା ବାହିନୀ ଅନୁପ୍ରବେଶକୁ ରୋକି ପାରୁନି। ସେହିପରି ବାହାର ରାଜ୍ୟରୁ ଆସି ଏଠାରେ ୨୦ ହଜାରରୁ ଅଧିକ ଲୋକ ରହିଥିଲେ ମଧ କୌଣସି ଥାନାରେ ଏ ନେଇ ସୂଚନା ନାହିଁ। ବାହାରୁ ଆସି ଏଠାରେ ରହୁଥିବା ଲୋକଙ୍କ ପରିଚୟ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରିବାକୁ ଜିଲାରେ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ାର ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପଟ୍ଟାମୁଣ୍ଡାଇର ପ୍ରତାପ ଚନ୍ଦ୍ର ପାଢ଼ୀ, କଳ୍ପତରୁ ସାମନ୍ତରାୟ, କେନ୍ଦ୍ରାପଡ଼ାର ବୁଦ୍ଧିଜୀବୀ ସୁଶାନ୍ତ ନାୟକ, ଚିତ୍ତରଞ୍ଜନ ସାହୁ କହିଛନ୍ତି, ୪୮ କିଲୋମିଟର ତଟାଞ୍ଚଳରେ କେନ୍ଦ୍ରାପଡ଼ା ଜିଲାର ଜମ୍ବୁ, ତାଳଚୁଆ ଓ ତନ୍ତିଆପାଳଠାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ଅନୁପ୍ରବେଶ ରୋକିବା ସହ ସ୍ଥାନୀୟ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ସହ କାର୍ଯ୍ୟାନୁଷ୍ଠାନ କରିବା ଏହାର ଲକ୍ଷ୍ୟ ଥିଲା। ତେବେ ଥାନା ପ୍ରତିଷ୍ଠାର ଦୀର୍ଘଦିନ ବିତିବା ସତ୍ତ୍ୱେ ବିଭିନ୍ନ କାରଣରୁ ଏହାର ପରିଚାଳନାରେ ତ୍ରୁଟି ହେଉଛି। ଏହି ଥାନାଗୁଡିକର ଅଞ୍ଚଳ ବଙ୍ଗଭାଷୀ ଅଧ୍ୟୁଷିତ ହୋଇଥିବା ବେଳେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଅବାଧ ପ୍ରବେଶ ଜାରି ରହିଛି। କର୍ମଚାରୀ ସମେତ ଭିତ୍ତିଭୂମି ଅଭାବ ମଧ୍ୟରେ ଏହି ୩ ସାମୁଦ୍ରିକ ଥାନା ନିଜର ଅସ୍ତିତ୍ୱ ଖୋଜୁଛି। ଏହି ୩ ସାମୁଦ୍ରିକ ଥାନା ମଧ୍ୟରେ ଜମ୍ବୁ ଥାନା ବୋଟ ଜେଟିଠାରୁ ଅନ୍ୟୁନ ୫ କିଲୋମିଟର ଦୂରରେ ଅଛି। ଥାନା ନିକଟକୁ ବର୍ଷାଦିନେ ଦୁଇଚକିଆ ଗାଡି ଯିବା ଅସମ୍ଭବ ହୋଇପଡୁଛି। ସେହିପରି ସମୁଦ୍ର ପଥ ନଜର ପାଇଁ ଆବଶ୍ୟକ ସ୍ପିଡ୍ ବୋଟ ଓ କର୍ମଚାରୀ ଅଭାବ ରହିଛି। ପ୍ରତ୍ୟେକ ଥାନାରେ ୮୧ ଜଣ କର୍ମଚାରୀ ରହିବାକୁ ନିୟମ ଅଛି। ତେବେ ୩ ଥାନାରେ ମାତ୍ର ୪୨ ପୋଲିସ କର୍ମଚାରୀ ଅଛନ୍ତି। ନାଭାଲ ଅଫିସର, ବୋଟ ଚାଳକ ସହ ସ୍ପିଡ୍ ବୋଟର ଅଭାବ ରହିଛି। ସେହିପରି ଜେଟିରେ ଯାଞ୍ଚ ବ୍ୟବସ୍ଥା ହେବ ବୋଲି ପୂର୍ବତନ ଜିଲାପାଳ ରେଘୁ ଜୀ ନିର୍ଦ୍ଦେଶ ଦେଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଅପରପକ୍ଷେ ଖୋଲାମେଲା ସମୁଦ୍ର ତଟ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ରାତି ଅନ୍ଧାରରେ ସମୁଦ୍ର ମଧ ଦେଇ ଅନୁପ୍ରବେଶକାରୀ ଏଠାକୁ ଆସୁଥିବା ବେଳେ ଦେଶର ସୁରକ୍ଷା ପାଇଁ ଏବେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ବାହାର ରାଜ୍ୟର ବିଭିନ୍ନ ଫେରି ବ୍ୟବସାୟୀ ଘରଭଡା ନେଇ ରହୁଛନ୍ତି। କିଛିଦିନ ମଧ୍ୟରେ ଏଠାକାର ଅଭାବ ପରୀକ୍ଷା କରି ମହିଳା ଚାଲାଣ, ଅପରାଧଭିତ୍ତିକ କାର୍ଯ୍ୟ ଆଦି କରୁଛନ୍ତି। ଗତ ୧୦ବର୍ଷ ମଧ୍ୟରେ ଫେରି ବ୍ୟବସାୟୀଙ୍କ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଘର ମାଲିକ ଟଙ୍କା ଲୋଭରେ ଘରଭଡ଼ା ଦେଉଥିବା ବେଳେ ପରିଚୟ ସମ୍ପର୍କରେ ନିକଟସ୍ଥ ଥାନାକୁ ଜଣାଉନାହାନ୍ତି। ବାହାର ଲୋକଙ୍କ ପରିଚୟ ଯାଞ୍ଚ କଡାକଡି କରିବାକୁ ମତଦାତାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, କର୍ମଚାରୀ ଓ ଭିତ୍ତିଭୂମିର ଅଭାବ ଅଛି। ଚଳିତ ଆର୍ଥିକ ବର୍ଷରେ ସାମୁଦ୍ରିକ ଥାନା କର୍ମଚାରୀଙ୍କ ସଂଖ୍ୟା ବଢ଼ାଯାଇଛି। ଖାଲିଥିବା ପଦବୀ ଓ ଆବଶ୍ୟକ ସ୍ପିଡ୍ ବୋଟ ଯୋଗାଣ ପାଇଁ ଯୋଜନା ଥିବା ସେ କହିଛନ୍ତି।

# ଗୋଲରାହାଟ ସମବାୟ ସମିତି ସଭାପତି, ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ଉତ୍ସବରେ ସଭାପତି ଖୁର୍ସିଦ୍ ଆଲମ ଖାଁ, ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି।

**ଡେରାବିଶ,୨୧ା୭(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିର ନବ ନିର୍ବାଚିତ ସଭାପତି ଖୁର୍ସିଦ୍ ଆଲମ୍ ଖାଁ ଓ ସମସ୍ତ ପରିଚାଳନା ନିର୍ଦ୍ଦେଶକଙ୍କୁ ଗୁରୁବାର ସମିତି କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିଲେ। ତେବେ ସମ୍ବର୍ଦ୍ଧିତ ହୋଇଥିବା ସଭାପତି ଖାଁ ନିଜ ବକ୍ତବ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଏହି ସମିତି ଜିଲାରେ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ତେବେ ଆଗାମୀ ଦିନରେ ଏହି ସମିତି ମାଧ୍ୟମରେ ସରକାରଙ୍କ ବିଭିନ୍ନ କୃଷି ଯୋଜନାରେ କିପରି ସମସ୍ତ ଚାଷୀ ଉପକୃତ ହେବେ ସେ ନେଇ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ। ଉତ୍ସବରେ ଉପସ୍ଥିତ ଥିବା ଅନ୍ୟ ୧୪ ଜଣ ନବ ନିର୍ବାଚିତ ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ବାଲିଆ ସରପଞ୍ଚ ପ୍ରବୀର ସିଂ, ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ସମେତ ବହୁ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ।

# ଦଳିତ ପରିବାରକୁ ଗାଁ ସଭାରେ ନିର୍ଯାତନା ଘଟଣା: ୨ ଗିରଫ

**ମାର୍ଶାଘାଇ,୨୧ା୭ (ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ତିଖିରୀରେ ଠାକୁରାଣୀ ଚାନ୍ଦା ଦେଇ ନ ଥିବାରୁ ଗାଁରେ ସଭା ଡକାଇ ଛେପ ପକାଇ ନାକ ଘଷା ଯାଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ତିଖିରୀ ଗାଁର ରାକେଶ ସୂତାର(୩୪) ଓ ବିଜୟ ସ୍ୱାଇଁ(୬୦)। ତେବେ ଏହି ଘଟଣାରେ ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ସମେତ ଅନ୍ୟ ଜଣେ କାଳିଆ ସୂତାର ଏ ପର୍ଯ୍ୟନ୍ତ ଫେରାର ହୋଇଥିବା ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ତିଖିରୀ ଗାଁର ଗୁରୁଚରଣ ମଲିକ ଗ୍ରାମ ଠାକୁରାଣୀଙ୍କ ବାର୍ଷିକ ଚାନ୍ଦା ଦେଇ ନ ଥିଲେ। ଏ ନେଇ ଏପ୍ରିଲ ୧୬ ତାରିଖ ରାତି ପ୍ରାୟ ୧୦ଟାରେ ଗ୍ରାମର କେତେଜଣ ଲୋକ ଗୁରୁଚରଣଙ୍କ ଘରେ ପଶି ତାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ରେଖା ମଲିକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏହି ସମୟରେ ରେଖାଙ୍କ ସ୍ୱାମୀ ଗୁରୁଚରଣ ଆସି ପହଞ୍ଚିବାରୁ ସେମାନେ ପାଟିତୁଣ୍ଡ କରିବା ସହ ଧକ୍କା ମାରିଥିଲେ। ତାଙ୍କୁ ଡାକି ନେଇ ଗାଁ ସଭାରେ ବସାଇ ନିଆଁପାଣି ବାସନ୍ଦ କରିବା ସହ ଧମକ ଦେଇଥିଲେ। ଗୁରୁଚରଣଙ୍କୁ ସର୍ବସମ୍ମୁଖରେ ସଭାରେ ଛେପ ପକାଇ ନାକ ଘଷାଇ ଥିଲେ। ଏହାକୁ ନେଇ ରେଖା ଥାନାରେ ଅଭିଯୋଗ କରିବା ପରେ ନଂ. ୧୧୬/୨୨ରେ ଏସିଏସ୍‌ଟି ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମିନତି ମାର୍ଶାଘାଇ ସମବାୟ ସମିତି ଉପସଭାପତି



ସମବାୟ ସମିତି ଉପସଭାପତି ମିନତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମାର୍ଶାଘାଇ, ୨୧ା୭(ଡି.ଏନ.ଏ.)**

ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ଭାବେ ମିନତି ଚଇନି ନିର୍ଦ୍ୱନ୍ଦ୍ୱରେ ଗୁରୁବାର ନିର୍ବାଚିତ ହୋଇଛନ୍ତି। ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର ଦାସ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ନିର୍ବାଚନ ସମୟରେ ସମବାୟ ସମିତି ସଭାପତି ପ୍ରଦୀପ୍ତ ଗାହାଣ, ସମ୍ପାଦକ ଗୋବର୍ଦ୍ଧନ ସାହୁ, ନିର୍ଦ୍ଦେଶକ ବିଚିତ୍ରାନନ୍ଦ ବେହେରା, ମନୋରଞ୍ଜନ ସାମଲ ଓ ଉପେନ୍ଦ୍ର ବେହେରାଙ୍କ ସହ ଅନ୍ୟ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।

# ଶବର ସମ୍ପ୍ରଦାୟ ନାଚଗୀତରେ ଝୁମିଲେ



ଦ୍ରୌପଦୀଙ୍କ ବିଜୟକୁ ନେଇ ଖୁସିରେ ଜଙ୍ଗଲଘେରା ଗାଁର ଶବର ସମ୍ପ୍ରଦାୟର ମହିଳାପୁରୁଷମାନେ ନାଚୁଛନ୍ତି।

**ମହାକାଳପଡ଼ା,୨୧ା୭ (ଡି.ଏନ୍.ଏ.)**

- ଓଡ଼ିଶାର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି
- ବିଶ୍ୱାସ ଅଛି, ସେ ବୁଝିବେ ଆମର ଦୁଃଖ

ଦିଲ୍ଲୀରୁ ପଲ୍ଲୀ ସବୁଠି ଏବେ ବିଜୟ ଉତ୍ସବର ମାହୋଲ। ଭାରତର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟକୁ ନେଇ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଜେଙ୍ଗଲଘେରା ଗାଁରେ ଗୁରୁବାର ମହିଳା ପୁରୁଷମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ନୃତ୍ୟ ଗୀତରେ ଝୁମିଛନ୍ତି। ସାରା ଦେଶର କୋଣ ଅନୁକୋଣରେ ରାଷ୍ଟ୍ରପତି ଭୋଟଗଣତି ଫଳାଫଳକୁ ନେଇ ବିଜୟ ଉତ୍ସବ ପାଳନ କରାଯାଇଥିବା ବେଳେ ବ୍ଲକର ଦୁର୍ଗମ ଆଦିବାସୀ ଶବର ଅଧ୍ୟୁଷିତ ମଫସଲ ଏକ ଛୋଟ ଗାଁ ଏଥିରୁ ବାଦ୍ ପଡି ନ ଥିଲା। ବ୍ଲକର ଜଙ୍ଗଲଘେରା ଗ୍ରାମରେ ଶବର ସମ୍ପ୍ରଦାୟ ଲୋକମାନେ ଗଣମାଧ୍ୟମରୁ ରାଷ୍ଟ୍ରପତି ପଦବୀରେ ଦ୍ରୌପଦୀ ମୁର୍ମୁ ବିଜୟୀ ହେବା ଖବର ଶୁଣି ଖୁସି ମନାଇଥିଲେ। ଭୋଟଗଣତି ପୂର୍ବରୁ ଇଷ୍ଟଦେବ ମାରଙ୍ଗବୁରୁ ନିକଟରେ ଶୁଭ ମନାସି ପୂଜାର୍ଚ୍ଚନା କରିଥିଲେ। ଶବର ଓ ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷମାନେ ନୂଆ ବସ୍ତ୍ର ପରିଧାନ କରି ପରସ୍ପର ମଧ୍ୟରେ ଲଡ୍ଡୁ ବଣ୍ଟନ କରିଥିଲେ। ଆମ ଓଡ଼ିଶାର ପ୍ରଥମ ଆଦିବାସୀ ସମ୍ପ୍ରଦାୟର ମହିଳା ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବାକୁ ଯାଉଥିବାରୁ ଆମେ ବେଶ୍ ଖୁସି ଓ ଗର୍ବିତ। ଏହାକୁ ନେଇ ଜନଜାତି ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଖୁସି ଖେଳିଯାଇଛି। ଆଗାମୀ ଦିନରେ ଆମ ଆଦିବାସୀମାନଙ୍କ ଦୁଃଖ ରାଷ୍ଟ୍ରପତି ମୁର୍ମୁ ଶୁଣିବେ ବୋଲି ବିଶ୍ୱାସ ଥିବା ପଇଡ଼ ଭକ୍ତା, ସୁଧନ ଭକ୍ତା, ଦୁଃଖୀ ଭକ୍ତା, ଲକ୍ଷ୍ମୀଧର ଆହାଡି, ସହଚରୀ ଆହାଡ଼ି, ସପନ ଭକ୍ତା ପ୍ରମୁଖ ଆଶା ବ୍ୟକ୍ତ କରିଛନ୍ତି।

# ବୃଦ୍ଧାଙ୍କୁ ମରଣାନ୍ତକ ଆକ୍ରମଣ କଲେ ନାତି

**ପାରାଦୀପ, ୨୧ା୭(ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଲକ୍‌ପଡା ବସ୍ତିରେ ଗୁରୁବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ଜଣେ ୬୫ ବର୍ଷୀୟ ମହିଳାଙ୍କୁ ତାଙ୍କ ନାତି ବାଉଁଶ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆହତ ବୃଦ୍ଧା ହେଲେ ପ୍ରମିଳା ଗିରି। ତାଙ୍କୁ ପଡୋଶୀ ଲୋକମାନେ ଆଣି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ମେଡିକାଲରେ ପୋଲିସକୁ ଦେଇଥିବା ବୟାନ ଅନୁସାରେ, ତାଙ୍କ ପୁଅ ୫ ମାସ ତଳେ ଛାଡି ପଳାଇଛନ୍ତି। ବୃଦ୍ଧାଙ୍କୁ ପାଖ ପଡୋଶୀ ଲୋକମାନେ ଖାଇବା ଦେଇଥାନ୍ତି। ଗୁରୁବାର ତାଙ୍କ ନାତୁଣୀ କିଛି ଭୁଲ କରିବାରୁ ସେ ଆକଟ କରିଥିଲେ। ଏହି ଘଟଣାରେ ନାତି ଏକ ବାଉଁଶ ଫାଳିଆରେ ତାଙ୍କୁ ବାଡେଇ ଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବୃଦ୍ଧାଙ୍କ ଶରୀରରେ ଏକାଧିକ କ୍ଷତ ହେବା ସହ ହାତ ଭାଙ୍ଗି ଯାଇଛି।

# ଜିଲାପାଳଙ୍କୁ ଭେଟିଲେ ସରପଞ୍ଚ, ସମିତିସଭ୍ୟା

**ଡେରାବିଶ, ୨୧ା୭(ସ୍ୱ.ପ୍ର.)**

## ରାସ୍ତା ନିର୍ମାଣ ପାଇଁ ଦାବି

ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତର ୫ନଂ. ଓ ୬ ନଂ. ୱାର୍ଡ଼ରେ ଥିବା ରାସ୍ତାଟି ଦୀର୍ଘବର୍ଷ ହେବ ମରଣଯନ୍ତା ପାଲଟିଛି। ଏହି ଦୁଇଟି ରାସ୍ତା ନିର୍ମାଣ କରିବାକୁ ଗୁରୁବାର ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ସାହୁ ଓ ସମିତିସଭ୍ୟା ତୃପ୍ତିମୟୀ ଜେନା ଜିଲାପାଳ ଅମୃତ ଋତୁରାଜଙ୍କୁ ଭେଟି ଲିଖିତ ଭାବେ ଆବେଦନ କରିଛନ୍ତି। ସେମାନେ ଆବେଦନ ପତ୍ରରେ ୫ନଂ. ୱାର୍ଡ଼ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଦଳିତ ପରିବାର ବସବାସ କରୁଛନ୍ତି। ଏହି ରାସ୍ତାଟି ଦୀର୍ଘବର୍ଷ ହେବ ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସେହିପରି ପଞ୍ଚାୟତ ଅଧୀନ ୬ ନଂ. ୱାର୍ଡ଼ରେ ଥିବା ଗୋଲରାହାଟ-କାଜିପୁର ପୂର୍ତ୍ତ ବିଭାଗ ରାସ୍ତାଠାରୁ ଅନାମ ଦାସ ଛକ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଛି। ଏହି ଗ୍ରାମ୍ୟ ରାସ୍ତାଟି ମଧ ଦୀର୍ଘବର୍ଷ ହେବ ମରଣଯନ୍ତା ପାଲଟିଛି। ଅଳ୍ପ ବର୍ଷାରେ ରାସ୍ତା ଉପରେ ପାଣି ଜମାଟ ବାନ୍ଧୁଛି। ତେବେ ଏହି ଉଭୟ ରାସ୍ତାକୁ କଂକ୍ରିଟ୍ କିମ୍ବା ନାଲିଗୋଡ଼ି ମେଟାଲ ରାସ୍ତା କରାଗଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଜିଲାପାଳଙ୍କୁ ଦିଆଯାଇଥିବା ଆବେଦନପତ୍ରରେ ସରପଞ୍ଚ ଓ ସମିତିସଭ୍ୟା ଉଲ୍ଲେଖ କରିଛନ୍ତି। ଜିଲାପାଳ ଋତୁରାଜ ଆବେଦନପତ୍ରକୁ ଗ୍ରହଣ କରିବା ସହ ଉଭୟ ରାସ୍ତାର ଅବସ୍ଥା ବିଡିଓ ଦେଖି ରିପୋର୍ଟ ପ୍ରଦାନ କରିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ମରଣଯନ୍ତା ପାଲଟିଥିବା ୨ ୱାର୍ଡର ରାସ୍ତା।

# ଦ୍ରୌପଦୀଙ୍କ ଜିତିବା ଖୁସିରେ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୧ା୭(ସ୍ୱ.ପ୍ର.)**

## ପଟ୍ଟାମୁଣ୍ଡାଇ ନଗର ଭାଜପା

ଦେଶର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରିବେ ଓଡ଼ିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ। ଏହାକୁ ନେଇ ପଟ୍ଟାମୁଣ୍ଡାଇ ନଗର ଭାଜପା କର୍ମୀମାନେ ଉତ୍ସବମୁଖର ହୋଇ ଉଠିଛନ୍ତି। ପରସ୍ପରକୁ ମିଠା ଖୁଆଇ ଉତ୍ସବ ପାଳିଛନ୍ତି ଭାଜପା ନେତା ଓ କର୍ମୀ। ପଟ୍ଟାମୁଣ୍ଡାଇ ପୁରୁଣା ବାଇପାସ୍ ଛକରେ ଗୁରୁବାର ସନ୍ଧ୍ୟା ସାଢେ ୭ଟାରେ ଭାଜପା କର୍ମୀମାନେ ଏକଜୁଟ ହୋଇ ସ୍ଲୋଗାନ ଦେଇ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ପଟ୍ଟାମୁଣ୍ଡାଇ ନଗର ଭାଜପା ବିଜୟୀ କାଉନ୍‌ସିଲରଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କ ଗହଣରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଉତ୍ସବରେ କାଉନ୍‌ସିଲର ବିଦ୍ୟାଧର ସେଠୀ, ବନିତା ମଲିକ, ଶ୍ରୀମତୀ ମଲିକଙ୍କ ସମେତ ହୃଷୀକେଶ ମଲିକ, ଦୀପକ ମଲିକ, ଆଇନଜୀବୀ ପ୍ରମୋଦ ସାହୁ, ସମୀର ପାତ୍ର, ଜିଲା ଓବିସି ଭାଜପା ମୋର୍ଚ୍ଚା ସମ୍ପାଦକ ଅମୂଲ୍ୟ ପରିଡ଼ା, ଚନ୍ଦନ ପାତ୍ର, ସଞ୍ଜୟ ସାହୁ, ରବୀନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଜେନା, ପୀତାମ୍ବର କର,ଏସ.କେ. ମେହେରୁଲା, ବସନ୍ତ ସାହୁ, ସ୍ୱର୍ଣ୍ଣଲତା ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ପରସ୍ପରକୁ ମିଠା ଖୁଆଇବା ସହ ଶୁଭେଚ୍ଛା ଜଣାଇଥିଲେ।




ବିଜୟ ଉତ୍ସବରେ ସାମିଲ ଭାଜପା ନେତା ଓ କର୍ମୀମାନେ।

**ସେନ୍‌ସେକ୍ସରେ ୨୮୪ ପଏଣ୍ଟ ବୃଦ୍ଧି**

**ନୂଆଦିଲ୍ଲୀ:** ଗତ କିଛିଦିନର ବଜାର ଅସ୍ଥିରତା ପରେ ଚଳିତ ସପ୍ତାହରେ ଷ୍ଟକ୍ ବଜାରର କାରବାର ପୂର୍ବ ସପ୍ତାହ ତୁଳନାରେ ଭଲ ରହିଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା, ଜିଏସ୍‌ଟି ହାର ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% କାରବାର ବୃଦ୍ଧି ଘଟିଛି। ଗୁରୁବାର ସେନ୍‌ସେକ୍ସ ୨୮୪.୪୨ ପଏଣ୍ଟ (୦.୫୦%) ବୃଦ୍ଧି ଘଟି ୫୫,୬୮୧.୯୫ ଅଙ୍କରେ ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୮୪.୪୦ ପଏଣ୍ଟ (୦.୫୪%) ବଢ଼ି ୧୬,୬୦୫.୨୫ ଅଙ୍କରେ କାରବାର ଶେଷ କରିଛି।

## ସଂକ୍ଷେପରେ

### ସୋନି ଇଣ୍ଡିଆର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୧।୭:** ସୋନି ଇଣ୍ଡିଆର ନୂତନ ଉତ୍ପାଦ ତଥା ଡଲ୍‌ବି ଆଟ୍‌ମୋସ୍ ଅନୁଭବ ଦେଉଥିବା 'ଡବ୍ଲୁଆଇ-ସି୧୦୦' ହାଲୁକା ୱାୟାରଲେସ୍ ଇନ୍-ଇୟର ହେଡ୍‌ଫୋନ୍‌ର ଉନ୍ମୋଚନ କରାଯାଇଛି। ଏହା ବିଶେଷକରି ହାଲୁକା ଏବଂ କମ୍ପାକ୍ଟ ଓ୍ୟାରଲେସ୍ ହେଡ୍‌ଫୋନ୍ ଏବଂ ଉଚ୍ଚମାନର ଧ୍ୱନିକୁ ଇମର୍ସିଭ୍ ସାଉଣ୍ଡ କଷ୍ଟମାଇଜେସନ୍‌ରେ ବ୍ୟବହାର ସହଜତା, ଦୀର୍ଘ ବ୍ୟାଟେରି ଲାଇଫ୍ ଏବଂ ଏକ ସ୍ପ୍ଲାସ୍‌ପ୍ରୁଫ୍ ଡିଜାଇନ ସହିତ ମିଶ୍ରଣ କରେ। ସୋନିର ନୂତନ ଓ୍ୟାରଲେସ୍ ଇନ୍-ଇୟର ହେଡ୍‌ଫୋନ୍ ଅନେକ ଫିଚର୍ସ ପ୍ରଦାନ କରେ ଏବଂ ଯାତ୍ରା ସମୟରେ ସଙ୍ଗୀତର ଆନନ୍ଦ ନେବାକୁ ଚାହୁଁଥିବା ଅଡିଓଫାଇଲ୍ ପାଇଁ ଆଦର୍ଶ । ବ୍ରାଭିଆ ଏକ୍ସଆର୍ ଟିଭି ସହ ସଂଯୁକ୍ତ ସୋନି ଡବ୍ଲୁଏଲ୍ଏ-ଏନ୍ଏସ୍୭ ଓ୍ୟାରଲେସ୍ ଟ୍ରାନ୍ସମିଟର ସହ ଡବ୍ଲୁଆଇ-ସି୧୦୦ ହେଡ୍‌ଫୋନ୍ ଆପଣଙ୍କ ଚାରିପାଖରେ ଫାମ୍ ସ୍ପିକରର ଆଦର୍ଶ ବ୍ୟବସ୍ଥା ସୃଷ୍ଟି କରେ, ଯାହା ଆପଣ ଏକ ଡଲ୍‌ବି ଆଟ୍‌ମୋସ୍ ଅନୁଭବର ଆନନ୍ଦ ନେଇପାରିବେ। ଡବ୍ଲୁଆଇ-ସି୧୦୦ ହେଡ୍‌ଫୋନ୍ ଭାରତର ସମସ୍ତ ସୋନି ରିଟେଲ ଷ୍ଟୋର, ବଡ଼ ଇଲେକ୍ଟ୍ରୋନିକ୍ ଷ୍ଟୋର ଏବଂ ଇ-କମର୍ସ ୱେବ୍‌ସାଇଟ ଆଦିରେ ଉପଲବ୍ଧ ରହିଛି। ଏହାର ବଜାର ମୂଲ୍ୟ ୨,୭୯୦ ଟଙ୍କାରେ ଉପଲବ୍ଧ ହେଉଛି।

### ହ୍ରାସ ପାଉଛି ସୁନା, ରୁପା ଦର

**ନୂଆଦିଲ୍ଲୀ,୨୧।୭:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ସାଙ୍ଗକୁ ଅଶୋଧିତ ତୈଳ ଦର ହ୍ରାସ ଯୋଗୁ ଭାରତୀୟ ବଜାରରେ ସୁନା ଓ ରୁପା ଦର ହ୍ରାସ ପାଇଛି। ଏପରିକି ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ଓ ରୁପା ମୂଲ୍ୟ ହ୍ରାସ ପାଇବା ଯୋଗୁ ଭାରତୀୟ ବଜାରରେ ଏହାର ଦାମ୍ କମୁଥିବା କୁହାଯାଉଛି। ସେହିଭଳି ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ବିବାହ ଋତୁ ଶେଷ ହୋଇଯାଇଥିବାରୁ ଭାରତରେ ସୁନା,ରୁପା ଭଳି ସାମଗ୍ରୀର ଚାହିଦା କମିଛି। ଭାରତୀୟ ବୁଲିୟନ ଆଣ୍ଡ ଜୁଏଲର୍ସ ଆସୋସିଏସନ ପକ୍ଷରୁ ଜାରି କରାଯାଇଥିବା ଦର ତାଲିକା ଅନୁସାରେ ଗୁରୁବାର ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୩୧୫ ଟଙ୍କା ହ୍ରାସ ପାଇ ୪୯,୯୧୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନା ୪୬,୯୦୦ ଟଙ୍କା ରହିଛି। ସେହିପରି ରୁପା ଦର କିଲୋଗ୍ରାମ ପିଛା ୧୦୯୪ ଟଙ୍କା ହ୍ରାସ ପାଇ ୫୪,୭୩୭ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ପ୍ରତି ୧୦ଗ୍ରାମର ମୂଲ୍ୟ ୫୦,୦୭୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୪୫,୯୦୦ ଟଙ୍କାରେ କାରବାର ହେଉଛି।

# ୫ବର୍ଷରେ ୧୦୦୦କୋଟିର ରାଜସ୍ୱ ସଂଗ୍ରହ ଲକ୍ଷ୍ୟ

- ମସଲା ଉଦ୍ୟୋଗର ସମ୍ପ୍ରସାରଣ କରିବ ଇମାମି ଗ୍ରୁପ
- ୩ ବର୍ଷରେ ୫ ଲକ୍ଷ ଆଉଟଲେଟ ସ୍ଥାପନ
- ଚଳିତ ବର୍ଷ ଶେଷ ସୁଦ୍ଧା ୨ ଲକ୍ଷ ଆଉଟ୍‌ଲେଟ୍

**ନୂଆଦିଲ୍ଲୀ,୨୧।୭**

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ଇମାମି ଗ୍ରୁପ୍‌ର ସହଯୋଗୀ ସଂସ୍ଥା 'ଇମାମି ଆଗ୍ରୋଟେକ୍ ଲିମିଟେଡ୍' ତା'ର ମସଲା ବ୍ରାଣ୍ଡ 'ମନ୍ତ୍ରା'ର ବ୍ୟବସାୟିକ ସମ୍ପ୍ରସାରଣ ସାରା ଦେଶକୁ କରିବ ବୋଲି ନିକଟରେ ଘୋଷଣା କରିଛି। ଏପରିକି କମ୍ପାନୀ ତା'ର ମସଲା ଉଦ୍ୟୋଗର ସମ୍ପ୍ରସାରଣ ସାଙ୍ଗକୁ ରାଜସ୍ୱ ସଂଗ୍ରହ ବୃଦ୍ଧି କରିବାକୁ ମଧ୍ୟ ବ୍ୟାପକ ଯୋଜନା କରିଛି। କମ୍ପାନୀ ବର୍ତ୍ତମାନ ପୂର୍ବ ଭାରତର ପ୍ରମୁଖ ରାଜ୍ୟଗୁଡ଼ିକରେ ଗରମ ମସଲା, ମିଟ୍ ମସଲା, ଚିକେନ୍ ମସାଲା, ପାଓଭାଜି ମସଲା ବ୍ୟତୀତ ହଳଦୀ, ଚିଲି, ଜିରା, ଧନିଆ ପାଉଡର ଭଳି ଅତ୍ୟାବଶ୍ୟକ ମସଲା ବିକ୍ରି କରୁଛି। ପରବର୍ତ୍ତୀ ପର୍ଯ୍ୟାୟରେ କମ୍ପାନୀ ଅନେକ ବର୍ଗର ମସଲା ଜାତୀୟ ବଜାରରେ ପ୍ରବେଶ କରାଇବାର ଯୋଜନାରେ ରହିଛି। ସେହିଭଳି କମ୍ପାନୀ ଆଗାମୀ ୫ବର୍ଷରେ ୭୦୦ରୁ ୧୦୦୦ କୋଟି ଟଙ୍କାର ରାଜସ୍ୱ ମସଲା ବ୍ୟବସାୟରୁ ସଂଗ୍ରହ କରିବା ନେଇ ଲକ୍ଷ୍ୟ ରଖିଛି ବୋଲି ଇମାମି ଆଗ୍ରୋଟେକ୍‌ର ନିର୍ଦ୍ଦେଶକ କ୍ରିଷ୍ଣାମୋହନ ନ୍ୟାୟପତି ସୂଚନା ଦେଇଛନ୍ତି। ସେହିପରି କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୨ ଲକ୍ଷ ଖୁଚୁରା ଆଉଟଲେଟ୍ ଏବଂ ଆସନ୍ତା ୩ ବର୍ଷ ମଧ୍ୟରେ ୫ ଲକ୍ଷ ଆଉଟଲେଟ୍ ଖୋଲିବା ନେଇ ଯୋଜନା ପ୍ରସ୍ତୁତ ସହ ଆଧୁନିକ ବାଣିଜ୍ୟ ଏବଂ ଇ-ବାଣିଜ୍ୟ ଚ୍ୟାନେଲରେ ମଧ୍ୟ ଏହାର ପୂର୍ଣ୍ଣ ଉପସ୍ଥିତି ରହିବ। କମ୍ପାନୀର ସମସ୍ତ ମସଲା ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଛି। ଆମର ମସଲା ପ୍ଲାଣ୍ଟ ରାଜସ୍ଥାନର ଜୟପୁରରେ ରହିଛି। ଏହି ମସଲା ତିଆରିରେ କ୍ରାୟୋଜେନିକ ଟେକ୍ନିକର ବ୍ୟବହାର କରାଯିବ। ଏହି ଟେକ୍‌ନିକ୍ ବ୍ୟବହାରରେ ମସଲାକୁ ୦ରୁ ୫୦ଡିଗ୍ରୀ ମଧ୍ୟରେ ତିଆରି କରାଯାଇଥାଏ। ଫଳରେ ମସଲାର ପ୍ରାକୃତିକ ଗୁଣ ସ୍ୱାଦ ଏବଂ ସୁଗନ୍ଧ ରହିଥାଏ ବୋଲି ନ୍ୟାୟପତି ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କମ୍ପାନୀର ବରିଷ୍ଠ ଅଧିକାରୀ ଦେବାଶିଷ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମନ୍ତ୍ରାକୁ ପ୍ରଥମେ ପଶ୍ଚିମବଙ୍ଗ ଗ୍ରାହକଙ୍କ ପାଖରେ ପହଞ୍ଚାଯାଇଛି। ମନ୍ତ୍ରା ଏବେ ପଶ୍ଚିମବଙ୍ଗରେ ସବୁଠୁ ଲୋକପ୍ରିୟ ବ୍ରାଣ୍ଡ ବୋଲି ସେ ଦାବି କରିଛନ୍ତି। ସୂଚନା ଥାଉକି ମସଲା ଉଦ୍ୟୋଗ ଦେଶରେ ବାର୍ଷିକ ପାଖାପାଖି ୮୦ହଜାର କୋଟି ଟଙ୍କାର ମସଲା ବ୍ୟବସାୟ କରିଥାଏ। ଏଥିରେ ବ୍ରାଣ୍ଡେଡ୍ ମସଲା ଉତ୍ପାଦର ୩୦ ହଜାର କୋଟି ଟଙ୍କାର ବ୍ୟବସାୟ ରହିଛି।



ମନ୍ତ୍ରାର ନୂତନ ଉତ୍ପାଦକୁ କମ୍ପାନୀ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

# ବିଓବିର ପ୍ରତିଷ୍ଠା ଦିବସ ପାଳିତ



**କଟକ,୨୧।୭**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର କଟକ ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା ପକ୍ଷରୁ ବ୍ୟାଙ୍କର ୧୧୫ତମ ପ୍ରତିଷ୍ଠା ଦିବସ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧତା (ସିଏସ୍ଆର୍)ର ଅଂଶବିଶେଷ ଅନୁଯାୟୀ ସ୍ଥାନୀୟ ନରାଜସ୍ଥିତ ସମ୍ପଥରାଇ ରୋଟାରି ସିନିୟର ସିଟିଜେନ୍ ହୋମ୍‌କୁ ଏକ ୱାଶିଂମେଶିନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ନିଖିଳ ରଞ୍ଜନ ପତିଙ୍କ ସମେତ ବ୍ୟାଙ୍କର କର୍ମଚାରୀ ଚିତ୍ତ ଶ୍ରୀନିବାସ ରାଓ, ରିତେଶ ଚକ୍ରବର୍ତ୍ତୀ ଏବଂ କଟକ ସିଡିଏ ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ସୁଭାଷ ପ୍ରଧାନଙ୍କ ସହ ବହୁ ବୃଦ୍ଧାଶ୍ରମର ପ୍ରେସିଡେଣ୍ଟ, ସେକ୍ରେଟାରି ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ସହରୀ ଭୂମିହୀନଙ୍କ ଆଶ୍ରୟସ୍ଥଳକୁ ଏକ ରେଫ୍ରିଜରେଟର ସ୍ଥାନୀୟ କର୍ପୋରେଟର କିରଣବାଳା ମାଝି ଏବଂ ଆଶ୍ରୟସ୍ଥଳର ମ୍ୟାନେଜର ସୁଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଦିଆଯାଇଥିଲା।

# ଟଙ୍କା ମୂଲ୍ୟରେ ସାମାନ୍ୟ ସୁଧାର

**ନୂଆଦିଲ୍ଲୀ,୨୧।୭**

କ୍ରମାଗତ ଭାବେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇଚାଲିଛି। ହେଲେ ଗୁରୁବାର ଏହାର ପରିବର୍ତ୍ତନ ଘଟି ଡଲାର ତୁଳନାରେ ଟଙ୍କା ପରିମାଣ ମୂଲ୍ୟ ୨୦ ପଇସା ବୃଦ୍ଧି ଘଟିଛି। ସେହିଭଳି ମୁଦ୍ରା ବିନିମୟ ବଜାରରେ ଏହାର କାରବାର ପ୍ରଥମ ପର୍ଯ୍ୟାୟରୁ ତଳମୁହାଁ ରହି ଥିବାବେଳେ ଡଲାରର ମୂଲ୍ୟ ନିମ୍ନଗାମୀ ହୋଇଥିଲା। ଅଶୋଧିତ ତୈଳ ମୂଲ୍ୟରେ ସାମଗ୍ରିକ ଦୁର୍ବଳତା ଏବଂ ତାଜା ବିଦେଶୀ ପାଣ୍ଠି ପ୍ରବାହ ପରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୭୯.୮୫ ଟଙ୍କାରେ ରହିଥିଲା।

# ସୋନାଲିକା ଆଇଟିଏଲ୍ ପକ୍ଷରୁ ନିଯୁକ୍ତି ଆରମ୍ଭ

**ନୂଆଦିଲ୍ଲୀ,୨୧।୭**

ଦେଶର ପ୍ରମୁଖ ଟ୍ରାକ୍ଟର ରପ୍ତାନିକାରୀ କମ୍ପାନୀ ସୋନାଲିକା ଆଇଟିଏଲ୍ ପକ୍ଷରୁ ନୂଆ ପ୍ରତିଭାମାନଙ୍କୁ ନିଯୁକ୍ତି ଯୋଗାଇବା କାର୍ଯ୍ୟ ଆରମ୍ଭ କରାଯାଇଛି। ଯୁବଗୋଷ୍ଠୀଙ୍କୁ କମ୍ପାନୀରେ ସାମିଲ କରାଇବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ଆଇଟିଆଇ ଓ ଅନ୍ୟ ସମାନ ସ୍ତରର ଶିକ୍ଷାନୁଷ୍ଠାନଗୁଡ଼ିକରୁ ୩୦୦୦ରୁ ଅଧିକ ପ୍ରତିଭାଶାଳୀ ଯୁବଗୋଷ୍ଠୀଙ୍କ ସନ୍ଧାନ ଆରମ୍ଭ ହୋଇଛି। ଏହି ନିଯୁକ୍ତି ଗ୍ରାମାଞ୍ଚଳ କଭରେଜ ପାଇଁ ଏହାର ବିଦ୍ୟମାନ ଡିଲର ୱାର୍କଫୋର୍ସକୁ ମଜଭୁତ କରିବା ସହ ଆଇଟିଆଇ ପାସ୍ କରିଥିବା ଇଚ୍ଛୁକ ବ୍ୟକ୍ତିମାନେ କମ୍ପାନୀର ୱେବ୍‌ସାଇଟରେ ବିସ୍ତୃତ ସୂଚନା ପାଇବା ସହ ଯୋଗାଯୋଗ କରିପାରିବେ। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଭାରତ ପ୍ରତିଭାଶାଳୀ ଯୁବପିଢ଼ିରେ ଭରି ରହିଛି, ଯେଉଁମାନେ ଆଇଟିଆଇ ସମେତ ଅନ୍ୟ ପଲିଟେକ୍‌ନିକ୍ସ ଭଳି ରାଜ୍ୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଗ୍ରାଜୁଏଟ୍ ଅଟନ୍ତି। ଏଭଳି ବ୍ୟକ୍ତିଙ୍କଠାରେ ଅଭିନବ ଚିନ୍ତାଧାରା ଭରି ରହିଛି ଏବଂ ବ୍ୟବସାୟିକ ଉତ୍କର୍ଷ ହାସଲ କରିବାରେ ନିଜର ବୈଷୟିକ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ସେମାନେ ପ୍ରସ୍ତୁତ ରହିଥାନ୍ତି। ନୂଆ ପ୍ରତିଭାବାନ୍ ଯୁବପିଢ଼ିଙ୍କୁ ନିଯୁକ୍ତ କରିବାର ଆକାଂକ୍ଷିତ ଉତ୍ସାହ ଆମର ବିଦ୍ୟମାନ ଟ୍ୟାଲେଣ୍ଟ ପୁଲ୍‌କୁ ପରିପୂର୍ଣ୍ଣ କରିବ।

# ମାରୁତି ସୁଜୁକିର 'ଗ୍ରାଣ୍ଡ ଭିଟାରା' ଉନ୍ମୋଚିତ




**ନୂଆଦିଲ୍ଲୀ,୨୧।୭**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍ଏସ୍ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ପ୍ରିମିୟମ ଓ ବୈପ୍ଳବିକ ଏସ୍‌ୟୁଭି 'ଦ ଗ୍ରାଣ୍ଡ ଭିଟାରା'କୁ ଗୁରୁବାର ଅନ୍ତର୍ଜାତୀୟ ସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି ନେକ୍ସାର ୭ମ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସହ କମ୍ପାନୀ ତା'ର ଗେମ୍-ଚେଞ୍ଜର ଏସ୍‌ୟୁଭି ତଥା ନେକ୍ସାର 'କ୍ରିଏଟ୍, ଇନ୍‌ସ୍ପାୟାର' ଭାଲ୍ୟୁ ଷ୍ଟେଟ୍‌ମେଣ୍ଟକୁ ଧାରଣ କରିଥିବା ଗ୍ରାଣ୍ଡ ଭିଟାରା ସମ୍ପର୍କରେ ଘୋଷଣା କରିଛି। ଏହା ହେଉଛି ଏକ ମଲ୍ଟି ପ୍ରଡକ୍ଟ ଅଫରିଂ ଯାହା ଦେଶରେ ଏସ୍‌ୟୁଭି ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରସ୍ତୁତ ହୋଇଛି। ନେକ୍ସାର ସିଗ୍ନେଚର ଡିଜାଇନ୍ ଲାଙ୍ଗୁଏଜ୍-କ୍ରାଫ୍ଟେଡ୍ ଫ୍ୟୁଚରିଜମ୍ ସାମିଲ ଥିବା ଏହି ପ୍ରିମିୟମ ଏସ୍‌ୟୁଭିରେ ଏକ ସ୍ୱତନ୍ତ୍ର ଏକ୍ସଟେରିୟର ଡିଜାଇନ, ବିଳାସପୂର୍ଣ୍ଣ ଇଣ୍ଟେରିୟର, ସେଗ୍‌ମେଣ୍ଟ-ଲିଡିଂ ଫିଚର ଏବଂ ଏହାର ବୈପ୍ଳବିକ ହାଇବ୍ରିଡ୍ ପାୱାର ଟ୍ରେନ୍ ଦ୍ୱାରା ପରିଚାଳିତ ଏକ ଶିଳ୍ପ ପୁନଃ ପରିଭାଷିକ ଇନ୍ଧନ ଦକ୍ଷତା ରହିଛି। ଗ୍ରାଣ୍ଡ ଭିଟାରା ୬ଟି ମୋନୋଟୋନ୍ କଲର ବିକଳ୍ପ ଏବଂ ୩ଟି ଡୁଆଲ-ଟୋନ୍ କଲରରେ ଉପଲବ୍ଧ ହେବ। ଏଥିରେ ୨୭.୯୭ କି.ମି./ଲିଟରର ସର୍ବୋତ୍ତମ ଶ୍ରେଣୀର ଇନ୍ଧନ ଦକ୍ଷତା ରହିଛି। ପ୍ରୋଗ୍ରେସିଭ ସ୍ମାର୍ଟ ହାଇବ୍ରିଡ୍ ଟେକ୍ନୋଲୋଜି ସହ ୧.୫ ଲିଟର ନେକ୍ସଟ-ଜେନ୍ କେ-ସିରିଜ ଡୁଆଲ ଜେଟ୍, ଡୁଆଲ ଭିଜିଟ୍ ଇଞ୍ଜିନ ରହିଛି। ଏ ସମ୍ପର୍କରେ ଏମ୍ଏସ୍ଆଇଏଲ୍‌ର ଏମ୍‌ଡି ତଥା ସିଇଓ ହିସାଶି ତାକେଉଚି କହିଛନ୍ତି, ସୁଜୁକି ଅଲ୍ ଗ୍ରିପ୍ ଲିଜେଣ୍ଡାରି ଅଫ୍-ରୋଡିଙ୍ଗ୍ ପ୍ରବୃତ୍ତି ସମେତ ଏକ ମଜଭୁତ ଓ ଆକ୍ରମଣାତ୍ମକ ଡିଜାଇନରେ ସୁସଜ୍ଜିତ ଏହି ଏସ୍‌ୟୁଭି ଆଇକୋନିକ୍ ବ୍ରାଣ୍ଡ ଭିଟାରାର ଶୁଦ୍ଧ ଏସ୍‌ୟୁଭି ଡିଏନ୍ଏକୁ ହାସଲ କରିଛି। ବୈପ୍ଳବିକ ଇଣ୍ଟେଲିଜେଣ୍ଟ ଇଲେକ୍‌ଟ୍ରିକ୍ ହାଇବ୍ରିଡ୍ ସିଷ୍ଟମର ଶୁଭାରମ୍ଭ ସହ ଗ୍ରାଣ୍ଡ ଭିଟାରା ଏକ ସ୍ୱଚ୍ଛ, ସବୁଜ, ସ୍ଥାୟୀ ଓ କାର୍ବନ୍-ନ୍ୟୁଟ୍ରାଲ ବିଶ୍ୱ ପାଇଁ ବାଟ ଖୋଲିଛି। ଆମେ ନିଶ୍ଚିତ ଯେ, ଗ୍ରାଣ୍ଡ ଭିଟାରା ଦେଶରେ ଏସ୍‌ୟୁଭି ପ୍ରେମୀଙ୍କ ପାଇଁ ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିବ ଏବଂ ଆମ ଗ୍ରାହକଙ୍କ ପାଇଁ ଯାତାୟାତର ଆନନ୍ଦକୁ ପୁନଃ ପରିଭାଷିତ କରିବ। ସେହିଭଳି ଏମ୍ଏସ୍ଆଇଏଲ୍‌ର ବରିଷ୍ଠ କାର୍ଯ୍ୟକାରୀ ନିର୍ଦ୍ଦେଶକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଶଶାଙ୍କ ଶ୍ରୀବାସ୍ତବ ଏବଂ ଚିଫ୍ ଟେକ୍ନିକାଲ ଅଫିସର, ସି. ଭି. ରମଣ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ଫୁରସତ୍



# ବିଷଧର ସାପଙ୍କ ଦ୍ୱୀପ

**ବ୍ରାସିଲିଆ:** ମୁଖ୍ୟତଃ ଟାପୁ ହେଉକି କୌଣସି ଜାଗା ସେଠାରେ ମନୁଷ୍ୟର ଅବସ୍ଥାନ ରହିଛି। ହେଲେ ପୃଥିବୀରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ଲୋକ ନୁହେଁ କେବଳ ସାପଙ୍କ ରାଜୁତି ଚାଲିଛି। ବ୍ରାଜିଲ୍‌ରେ ସାଓ ପାଉଲୋଠାରେ ୩୨ କି.ମି. ଦୂରରେ ରହିଛି ଦ୍ୱୀପ 'ଇଲ୍ହା ଦା କୁଇମାଡା ଗ୍ରାଣ୍ଡେ'। ଏହି ଦ୍ୱୀପରେ କେବଳ ବିଷଧର ସାପ ରହିଛନ୍ତି। ଯେଉଁଠିକୁ ଲୋକଙ୍କ ଯିବା ଆସିବାକୁ ବାରଣ ରହିଛି। ଦୁନିଆରେ ବିଭିନ୍ନ ପ୍ରକାରର ବିଷଧର ସାପ ରହିଛନ୍ତି। କିନ୍ତୁ ସାଓ ପାଉଲୋରେ ଏପରି ବିଷଧର ସାପ ରହିଛନ୍ତି ଯେଉଁମାନେ କି ସେଠାରେ ଉଡୁଥିବା ପକ୍ଷୀଙ୍କୁ ଉଡନ୍ତା ଅବସ୍ଥାରେ ମଧ୍ୟ ଶିକାର କରିଥାନ୍ତି। ଏମିତିକି ସେହି ସାପଙ୍କ ବିଷରେ ମଣିଷର ମାଂସ ମଧ୍ୟ ନଷ୍ଟ ହୋଇଯିବ। ସେହି ଦ୍ୱୀପରେ କିଛି ବିରଳ ବିଷଧର ସାପ ଦେଖିବାକୁ ମିଳିଥାନ୍ତି। ଏହାଛଡା ସେଠାକୁ କେବଳ ଜଳସେନା ଏବଂ ଚିକୋ ମେଣ୍ଡେସ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ବାୟୋଡାଇଭରସିଟି କଞ୍ଜରଭେଶନ୍‌ର ବଛା ଗବେଷକ ଯାଇପାରିବେ। ସୂଚନା ମୁତାବକ, ଏହି ଦ୍ୱୀପକୁ ୧୯୦୯ରୁ ୧୯୨୦ ମଧ୍ୟରେ କିଛି ଲୋକ ସେଠଆରେ ଲାଇଟ୍ ହାଉସ୍‌ର ସଞ୍ଚାଳନ ପାଇଁ ଯାଇ ରହିଥିଲେ। କିନ୍ତୁ ପରେ ସେଠାରେ ସାପଙ୍କୁ ଡରି କେହି ଯାଉନାହାନ୍ତି।

# ଖତ୍‌ରୋକି ଖିଲାଡି ଟ୍ରଫିରୁ ବଞ୍ଚିତ ହେଲେ ଜନ୍ନତ




**ମୁମ୍ବାଇ:** ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ ମଧ୍ୟ ଟ୍ରଫିରୁ ବଞ୍ଚିତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ଜନ୍ନତ ଜୁବୈର। ସେ ଚଳିତବର୍ଷର ଖତ୍‌ରୋକି ଖିଲାଡି- ୧୨ରେ ଭାଗନେଇ ଖେଳୁଥିଲେ ଏବଂ ସେଥିରେ ଟ୍ରଫି ଜିତିବାକୁ ସମସ୍ତ ଉଦ୍ୟମ, ଶକ୍ତି ଲଗାଇଦେଇଥିଲେ। ହେଲେ ସେ ତାଙ୍କର ଏହି ସ୍ୱପ୍ନ ପୂରଣ କରିବାରେ ପଛରେ ପଡିଗଲେ। ତାଙ୍କୁ ମାତ୍ ଦେଇ ୩ ଜଣ ଖେଳାଳି ଆଗରେ ଥିବାରୁ ସେ ୪ର୍ଥ ସ୍ଥାନରେ ରହିଯାଇଥିଲେ। ଫଳରେ ସେ ଶୋ'ରେ ଖେଳିପାରିବେନି। ହେଲେ ଶୋ'ରେ ଖେଳୁଥିବା ସମସ୍ତଙ୍କଠାରୁ କମ୍ ବୟସର ହୋଇ ମଧ୍ୟ ସେ ସମସ୍ତଙ୍କୁ କଡା ଟକ୍କର ଦେଇ ଜିତି ଆସିଥିଲେ। ସେ ଏହି ରେସ୍‌ରୁ ପଛରେ ରହିଥିଲେ ମଧ୍ୟ ନିଜର ସାମର୍ଥ୍ୟ ପ୍ରମାଣିତ କରିପାରିଛନ୍ତି, ଯାହା ତାଙ୍କ ଫ୍ୟାନ୍‌ସମାନଙ୍କ ପାଇଁ ଅଧିକ ଖୁସି ଆଣିପାରିଛି। ହେଲେ ଜନ୍ନତଙ୍କ ପ୍ରଶଂସକ ତାଙ୍କୁ ଟ୍ରଫି ଜିତିବାର ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେମାନେ ନିରାଶ ହୋଇଛନ୍ତି। ବର୍ତ୍ତମାନ ଶୋ'ରେ ୩ ଜଣଙ୍କ ମଧ୍ୟରେ ମୋହିତ ମଲ୍ଲିକ, ଫୈସଲ ଶେଖ ଏବଂ ତୁଷାର କାଳିଆ ରହିଛନ୍ତି।

# ଦେବଦୂତ ସାଜିଲେ ଡେଲିଭରିବୟ



**ୱାଶିଂଟନ୍:** ନିକଟରେ ଆମେରିକା ଇଣ୍ଡିଆନା ରାଜ୍ୟର ଲାଫାଏଟ୍ ସହରରେ ଜଣଙ୍କ ଘରେ ନିଆଁ ଲାଗି ଯାଇଥିଲା। ସେହି ରାସ୍ତା ଦେଇ ଯାଉଥିବା ଜଣେ ପିଜା ଡେଲିଭରିବୟ ନିଆଁ ଲାଗିଥିବା ଘରେ ପଶି ୫ ଶିଶୁଙ୍କ ଜୀବନ ବଞ୍ଚାଇଛନ୍ତି। ଏହି ଘଟଣା ସେଠାରେ ଲାଗିଥିବା ଏକ କ୍ୟାମେରାରେ କଏଦ୍ ହୋଇଛି। ସେଠାକାର ଲାଫାଏଟ୍ ପୋଲିସ ଡିପାର୍ଟମେଣ୍ଟ ଟୁଇଟ୍ ମାଧ୍ୟମରେ ଏହି ଘଟଣା ଜଣାଇଛନ୍ତି। ନିକୋଲସ ବୋଷ୍ଟିକ ନାମକ ଜଣେ ଡେଲିଭରି ବୟଙ୍କୁ ନିଆଁ ଲାଗିଥିବା ଘରର ପଛ ରାସ୍ତା ଦେଇ ଯିବାକୁ ପଡିଥିଲା। ସେହି ସମୟରେ ଘରେ ଜଣେ ଶିଶୁ ଶୋଇଥିବା ଜଣାପଡିଥିଲା। ନିକୋଲସ ସେହି ଶିଶୁଙ୍କୁ ବଞ୍ଚାଇବା ପାଇଁ ଘରର ଉପର ମହଲାକୁ ଯାଇଥିଲେ। ସେଠାରୁ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ନିକୋଲସ ଆହାତ ହୋଇଥିଲେ। ତାଙ୍କର ଡାହାଣ ହାତର ଶିର କଟିଯାଇଥିଲା। ଏପରି ନିଃସ୍ୱାର୍ଥପରତାକୁ ସମସ୍ତେ ପ୍ରଶଂସା କରିଛନ୍ତି।



ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ନେତା ଓ କର୍ମୀ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାଉଥିବା ବେଳେ ରାଜମହଲ ଠାରେ ପୋଲିସ ସହ ଧସ୍ତାଧସ୍ତି।

# ୨୪ରେ ସଫା ହୋଇଯିବ ଭାଜପା

**ଶହୀଦ ଦିବସରେ ମମତାଙ୍କ ହୁଙ୍କାର**

■ଉପରାଷ୍ଟ୍ରପତି ନିର୍ବାଚନରେ ମତଦାନରୁ ବିରତ ରହିବ ଟିଏମ୍‌ସି



କୋଲକାତା,୨୧।୭

୨୦୨୪ ଲୋକ ସଭା ନିର୍ବାଚନରେ କେନ୍ଦ୍ରରେ କ୍ଷମତାସୀନ ଭାଜପା ସଫା ହୋଇଯିବ। ଏହି ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ ବୋଲି ଗୁରୁବାର କୋଲକାତାରେ ଶହୀଦ ଦିବସ ପାଳନ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

୧୯୯୩ ଜୁଲାଇ ୨୧ରେ ତତ୍କାଳୀନ ଯୁବ କଂଗ୍ରେସ ନେତ୍ରୀ ମମତାଙ୍କ ନେତୃତ୍ୱରେ କୋଲକାତାରେ ଏକ ରାଲି ଚାଲିଥିବାବେଳେ ବାମପନ୍ଥୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଗୁଳିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ମମତାଙ୍କ ରାଜନୈତିକ କ୍ୟାରିୟରରେ ନୂଆ ମୋଡ଼ ଆଣିଥିଲା। ସେବେଠୁ ଏହାର ପ୍ରତିବାଦରେ ଶହୀଦ ଦିବସ ପାଳନ କରାଯାଉଥିବାବେଳେ କରୋନା ମହାମାରୀ ଯୋଗୁ ଗତ ଦୁଇବର୍ଷ ଧରି ଏହା ବନ୍ଦ ରହିଥିଲା। ଗୁରୁବାର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଆୟୋଜିତ ବିଶାଳ ସମାବେଶକୁ ସମ୍ବୋଧିତ କରି ମମତା କହିଛନ୍ତି, ଆସନ୍ତା ସାଧାରଣ ନିର୍ବାଚନର ମନ୍ତ୍ର ହେଉଛି 'ଭାଜପାକୁ ପ୍ରତ୍ୟାଖ୍ୟାନ କରି ଭୋଟ ଦିଅ'। ଭାଜପାର ଜେଲ ଭାଙ୍ଗି ଏହାର ଶିକୁଳି ଛିଣ୍ଡାଇ ଆମେ ଲୋକଙ୍କ ସରକାର ଆଣିବୁ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ଏବଂ ଖାଦ୍ୟ ପ୍ୟାକେଟ୍‌ରେ ଜିଏସ୍‌ଟି ଲଗାଇବା ଭଳି ପଦକ୍ଷେପକୁ ମମତା କଡ଼ା ସମାଲୋଚନା କରିଥିଲେ। ଭାଜପା ମହାରାଷ୍ଟ୍ରରେ ସରକାର ଭାଙ୍ଗିବା ପରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ଅନୁରୂପ ଅପରେଶନ ଚଳାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ଅଗଷ୍ଟ ୬ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଟିଏମ୍‌ସି ମତଦାନରୁ ବିରତ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ଏନ୍‌ଡିଏ ପ୍ରାର୍ଥୀ କରିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାର୍ଗାରେଟ୍ ଅଲ୍‌ଭାଙ୍କୁ ବିରୋଧୀ ଦଳଗୁଡ଼ିକ ଛିଡ଼ା କରାଇଛନ୍ତି।

# ରାଜଧାନୀରେ ଗର୍ଜିଲା କଂଗ୍ରେସ

**ଇଡିରେ ସୋନିଆ ହାଜର ହେବା ପ୍ରସଙ୍ଗ**

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସମନ ଆଧାରରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ଇଡିରେ ହାଜର ହୋଇଥିଲେ। ତେବେ ଇଡିର ସମନକୁ ଜୋରଦାର ବିରୋଧ କରି କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ବିକ୍ଷୋଭ କରାଯାଇଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ରାଜ୍ୟ କଂଗ୍ରେସ ନେତା ଓ କର୍ମୀମାନେ ଗର୍ଜନ କରିଥିଲେ। ରାଜ୍ୟ କଂଗ୍ରେସର ଶତାଧିକ ନେତା ଓ କର୍ମୀ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ପଦଯାତ୍ରାରେ ବାହାରିଥିଲେ। ପୂର୍ବ ଯୋଜନା ମୁତାବକ ପୂର୍ବାହ୍ନ ୧୧ଟାରେ ରାଜମହଲ ଛକ ଦେଇ ସେମାନେ ଇଡି କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଏବଂ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରବଳ ଉତ୍ତେଜନା ଦେଖାଦେବାରୁ ପୋଲିସ କଂଗ୍ରେସର ବହୁ ନେତାଙ୍କୁ ସେଠାରୁ ଉଠାଇନେଇଥିଲା। ତେବେ ପରବର୍ତ୍ତୀ ସମୟରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ଏହି ବିକ୍ଷୋଭରେ ପିସିସି ସଭାପତିଙ୍କ ସମେତ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ସାମିଲ ହୋଇଥିଲେ। ଏହାସହ ଯୁବ ଓ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇ ନାରାବାଜି କରିଥିଲେ। ଏହି ଅବସରରେ ପିସିସି ସଭାପତି କହିଛନ୍ତି, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଅଯଥାରେ ହଇରାଣ କରାଯାଉଛି। ଏହାର ପ୍ରତିବାଦରେ ଆମେ ରାଜରାସ୍ତାକୁ ଓହ୍ଲାଇଛୁ। ଏହି ବିକ୍ଷୋଭ ଆଗକୁ ମଧ୍ୟ ଜାରି ରହିବ। ସରକାରରେ ଯେଉଁମାନେ ରହିବେ ସେମାନେ ବିରୋଧୀ ଦଳ ପ୍ରତି ଉଦାସୀନ ଏବଂ ସହନଶୀଳ ହେବା କଥା। ହେଲେ ବିରୋଧୀଙ୍କ ସ୍ୱରକୁ ଚପାଇଦେବା ଲାଗି କେନ୍ଦ୍ରରେ ଥିବା ସରକାର ଇଡି, ସିବିଆଇ ଭଳି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ବ୍ୟବହାର କରୁଛନ୍ତି। ତେବେ କଂଗ୍ରେସ ନେତା ଓ କର୍ମୀମାନେ ଆଗକୁ ଆହୁରି ଆନ୍ଦୋଳନ କରିବେ ବୋଲି ପିସିସି ସଭାପତି ଚେତାବନୀ ଦେଇଛନ୍ତି।

# ବିଧାନସଭାରେ ଇଡି ତାତି

**ଭାଜପା-କଂଗ୍ରେସ ମୁହାଁମୁହିଁ**

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡି ଜେରା କରିଛି। ଏହାକୁ ବିରୋଧ କରି କଂଗ୍ରେସ କର୍ମୀମାନେ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ କରିଥିବା ବେଳେ ବିଧାନସଭାରେ ମଧ୍ୟ ଇଡି ତାତି ଦେଖିବାକୁ ମିଳିଛି। ଏହି ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଛି। କଂଗ୍ରେସ ସଭ୍ୟମାନେ ଗୃହରେ ନାରାବାଜି ସହ ପ୍ରବଳ ହଟ୍ଟଗୋଳ କରିଛନ୍ତି । ଏପରି କି ଗୃହରେ ଭାଜପା ଓ କଂଗ୍ରେସ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି । ଏଥିଯୋଗୁ ଗୃହରେ ଅଚଳାବସ୍ଥା ସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ବାରମ୍ବାର ମୁଲତବୀ କରିଛନ୍ତି।

ଗୁରୁବାର ବିଧାନସଭା ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଇଡିର ଜେରାକୁ ବିରୋଧ କରିଥିଲେ । ସେ କହିଥିଲେ, ଗୁରୁବାର ସମଗ୍ର ଦେଶ ପାଇଁ କଳା ଦିବସ । ପ୍ରଧାନମନ୍ତ୍ରୀ ଯେଉଁଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ । ଜାଣିଶୁଣି ସୋନିଆଙ୍କ ସହ ରାହୁଲ ଗାନ୍ଧୀଙ୍କୁ ନୋଟିସ ଦିଆଯାଇ ବାରମ୍ବାର ହଇରାଣ କରାଯାଉଛି । କେନ୍ଦ୍ର ସରକାରଙ୍କ ଏଭଳି ଆକ୍ରୋଶମୂଳକ ଆଚରଣକୁ କଂଗ୍ରେସ କଦାପି ବରଦାସ୍ତ କରିବ ନାହିଁ ବୋଲି କହି ଗୃହ ମଝିକୁ ଯାଇ ହଟ୍ଟଗୋଳ କରିଥିଲେ। ଏପରି କି ଭାଜପା ସଭ୍ୟମାନେ କଂଗ୍ରେସ ସଭ୍ୟଙ୍କ ଅଭିଯୋଗକୁ ବିରୋଧ କରି ହୋହଲ୍ଲା କରିଥିଲେ।

ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ କରିବା ସହିତ ରାଜ୍ୟସ୍ତରୀୟ ସମସ୍ୟା ଉତ୍ଥାପନ କରିବା ପାଇଁ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା । କଂଗ୍ରେସ ସଦସ୍ୟମାନେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ପ୍ରଥମେ ୧୧ଟା ୪୦ ମିନିଟ୍‌ରୁ ୧୦ ମିନିଟ୍ ଏବଂ ପରେ ୧୫ ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ । ୧୨ଟା ୦୫ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ବିରୋଧୀ ଦଳର ଉପନେତା ବିଷ୍ଣୁଚରଣ ସେଠୀଙ୍କୁ କହିବାକୁ ଅନୁମତି ଦେଇଥିଲେ । ସେ କହିଥିଲେ ଯେ, ଯେଉଁ ପ୍ରସଙ୍ଗ ଗୃହର ନୁହେଁ, ତାହା ଏଠାରେ ଆଲୋଚନା ହେବା ଆଦୌ ସମୀଚୀନ ନୁହେଁ । ଏହା ଦୁଃଖ ଓ ପରିତାପର ବିଷୟ ଯେ, କଂଗ୍ରେସ ସଭ୍ୟମାନେ ସୋନିଆ ଓ ରାହୁଲ ଗାନ୍ଧୀଙ୍କ ପ୍ରସଙ୍ଗ ଉଠାଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି। ଏଥିରୁ ସେମାନଙ୍କୁ ନିବୃତ୍ତ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ମଧ୍ୟ ଅନୁରୂପ ମତ ରଖିଥିଲେ । ସେ କହିଥିଲେ, କଂଗ୍ରେସ ଦଳ ତରଫରୁ ଇଡିକୁ ନେଇ ଯେଉଁଭଳି ହଟ୍ଟଗୋଳ ଚାଲିଛି ତାହା ଦୁର୍ଭାଗ୍ୟଜନକ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଗଣତନ୍ତ୍ର ଡଷ୍ଟବିନ୍‌କୁ ଗଲାଣି। ଲୋକଙ୍କ ଜୀବନ ଏବଂ ସମ୍ପତ୍ତିକୁ ସୁରକ୍ଷା ଦେବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟ । ବିରୋଧୀ ଦଳ ନ ରୁହନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି । ପ୍ରଧାନମନ୍ତ୍ରୀ ଯେଉଁ ରାସ୍ତାରେ ଯାଉଛନ୍ତି, ମୁଖ୍ୟମନ୍ତ୍ରୀ ମଧ୍ୟ ସେଇ ରାସ୍ତାରେ ଅଛନ୍ତି । କିଏ ଚୋର, କିଏ ସାଧୁ ସମସ୍ତେ ଜାଣିଛନ୍ତି। ଏହା କହିବା ବେଳେ ଭାଜପା ସଭ୍ୟମାନେ ହୋହଲ୍ଲା କରିଥିଲେ। ଗୃହରେ କିଛି ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ଲାଗି ରହିଥିଲା। ବାଚସ୍ପତି ଗୃହକୁ ୧୨ଟା ୧୦ ମିନିଟ୍‌ରୁ ଅପରାହ୍ଣ ୪ ଯାଏ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ଣରେ ଗୃହ ସ୍ୱାଭାବିକ ହୋଇଥିଲା।

## ରାଜ୍ୟ

### ହତ୍ୟାକରି ପଳାଉଥିବା ବେଳେ ହତ୍ୟାକାରୀ ମୃତ

ବଡ଼ଗାଁ,୨୧।୭(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲବିରା ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ହତ୍ୟାକାଣ୍ଡ ଘଟିଛି। ଉକ୍ତ ଗ୍ରାମର ପ୍ରଫୁଲ୍ଲ ମାଝି(୬୯) କ୍ଷେତକୁ ଯାଇଥିବା ବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ତେବେ ହତ୍ୟା କରିବାର କିଛି ସମୟ ପରେ ହତ୍ୟାକାରୀଙ୍କ ମୃତଦେହ ବିଲ ହିଡ଼ ତଳେ ପଡିଥିବା ଠାବ କରାଯାଇଥିଲା। ହତ୍ୟାକାଣ୍ଡ ଘଟାଇ ବିଲ ହିଡ଼ରେ ଦୌଡ଼ି ପଳାଇବା ବେଳେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା କେତେଜଣ ଗ୍ରାମବାସୀ କହୁଛନ୍ତି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ଗାଁର କେତେଜଣ ବ୍ୟକ୍ତି ହତ୍ୟା କରି ଫେରାର ହୋଇ ଯାଇଥିବା କୁହାଯାଉଛି। ଖବରପାଇ ସୁନ୍ଦରଗଡ ଏସ୍‌ପି ସାଗରିକା ନାଥ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏ ନେଇ ଅଧିକ ତଥ୍ୟ ହସ୍ତଗତ ହୋଇ ପାରିନାହିଁ । ତେବେ ଏହି ଘଟଣା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

# ହୀରାକୁଦର ୧୦ ଗେଟ୍ ଦେଇ ଜଳ ନିଷ୍କାସନ

**ପୂର୍ବରୁ ଖୋଲାଥିଲା ୫ ଗେଟ୍, ଆଜି ଖୋଲିଲା ଆଉ ୫**

ସମ୍ବଲପୁର,୨୧।୭(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରୁ ଗୁରୁବାର ୧୦ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଜୁଲାଇ ୧୮ରେ ୫ ଗେଟ୍ ଦେଇ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେଉଥିଲା। ହେଲେ ଉପରମୁଣ୍ଡରେ ବର୍ଷା ଯୋଗୁ ଜଳପତ୍ତନ ବୃଦ୍ଧି ପାଇବାରୁ ଅଧିକ ଗେଟ୍ ଖୋଲାଯାଇଛି। ପୂର୍ବାହ୍ନରେ ୩ ଓ ପରେ ସନ୍ଧ୍ୟାରେ ଆଉ ୨ଟି ଗେଟ୍ ଖୋଲାଯାଇଛି। ଏହା ମଧ୍ୟରେ ବାମ ପାର୍ଶ୍ୱରେ ୬ ଓ ଡାହାଣ ପାର୍ଶ୍ୱରେ ୪ ଗେଟ୍ ରହିଛ। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ ଜଳଭଣ୍ଡାରରେ ଜଳସ୍ତର ୬୧୪.୨୭ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୪ ହଜାର ୨୦ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ଗେଟ୍ ଦେଇ ୧ ଲକ୍ଷ ୫୨ ହଜାର ୧୯୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ପାୱାର ଚାନେଲରେ ୩୬ ହଜାର ୨୫୮ କ୍ୟୁସେକ, ଜଳସେଚନ ପାଇଁ ୪ ହଜାର ୪୧୩, ଶିଳ୍ପ ପାଇଁ ୨୭୩ କ୍ୟୁସେକ ପାଣି ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୧୦ ହଜାର କ୍ୟୁସେକ, ପର୍ଥଲାରେ ୩୭ ହଜାର, ଖଇରମାଲରେ ୧ ଲକ୍ଷ ୫୪ ହଜାର, ବରମୁଲାରେ ୧ ଲକ୍ଷ ୪୮ ହଜାର ଓ ମେଣ୍ଡୋଲିରେ ୧ ଲକ୍ଷ ୭୮ ହଜାର ୩୪୪ କ୍ୟୁସେକ ଜଳ ପ୍ରବାହିତ ହେଉଛି। ୧୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେବା ପରେ ମହାନଦୀରେ ଜଳ ପ୍ରବାହ ପରିମାଣ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ ୨୦୨୧ ଜୁଲାଇ ୧୧ରେ ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା।



ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଛି।

# ରାଜ୍ୟ ସରକାର-ଆଇଏଫ୍‌ସି ବୁଝାମଣାପତ୍ର ସ୍ୱାକ୍ଷର

**ବ୍ୟାପକ ହେବ ବେସରକାରୀ ପୁଞ୍ଜିନିବେଶ: ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର, ୨୧।୭(ବ୍ୟୁରୋ): ରାଷ୍ଟ୍ରାୟତ୍ତ ସମ୍ପତ୍ତି ମୁଦ୍ରୀକରଣ ଓ ପୁନଃ ବିନିଯୋଗ ପାଇଁ ରାଜ୍ୟ ସରକାର ଓ ବିଶ୍ୱବ୍ୟାଙ୍କର ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫ୍‌ସି) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଏହି ବୁଝାମଣା ସାର୍ବଜନୀନ ସମ୍ପତ୍ତିର ବୃତ୍ତିଗତ ଆର୍ଥିକ ପରିଚାଳନା ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏହା ମାଧ୍ୟମରେ ସାର୍ବଜନୀନ ସମ୍ପତ୍ତିର ଏକ ବୃହତ୍ ରାଶି ବେସରକାରୀ ପୁଞ୍ଜିବିନିଯୋଗକୁ ବ୍ୟାପକ କରିବ। ଅଧିକ କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ବୁଝାମଣାପତ୍ର ଅନୁସାରେ ରାଷ୍ଟ୍ରାୟତ୍ତ ଅଚଳ ସମ୍ପତ୍ତିଗୁଡ଼ିକର ମୁଦ୍ରୀକରଣ ଓ ସେଥିରେ ଘରୋଇ ପୁଞ୍ଜିବିନିଯୋଗ ପ୍ରକ୍ରିୟାକୁ ସରଳ କରିବା ପାଇଁ ଆଇଏଫ୍‌ସି ବୈଷୟିକ ଓ ବୃତ୍ତିଗତ ସହାୟତା ଯୋଗାଇବ। ଏହା ରାଜ୍ୟର ଶିଳ୍ପ ଭିତ୍ତିଭୂମି ଓ ଶିଳ୍ପାୟନ ବାତାବରଣ ବିକାଶରେ ସହାୟକ ହେବ। ଫଳରେ ଖୋଲାବଜାରରୁ ଋଣ ଉଠାଣ ହ୍ରାସ ପାଇବ। ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ବ୍ୟବଧାନ ଦୂର ହେବ। ରାଜ୍ୟ ସରକାରଙ୍କ ତରଫରୁ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଓ ଅନ୍ତର୍ଜାତୀୟ ଅର୍ଥ ନିଗମର ସର୍ବଭାରତୀୟ ଅଧିକାରୀ ସୁଶ୍ରୀ ରୋଶିକା ସିଂହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ କୁମାର ଶର୍ମାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦାରିଦ୍ର୍ୟ ହ୍ରାସରେ ଓଡ଼ିଶା ସବୁଠୁ ଆଗରେ

**ନୀତି ଆୟୋଗ ସର୍ଭେ ରିପୋର୍ଟ**

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁ ରାଜ୍ୟଠାରୁ ଆଗରେ ରହିଛି। ଗୁରୁବାର ବିଧାନସଭାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଭାଜପା ସଭ୍ୟ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ତେନ୍ଦୁଲକର କମିଟି ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୨୦୦୪-୦୫ରେ ୨୨୧.୬୦ ଲକ୍ଷ ଅର୍ଥାତ୍ ୫୭.୨୦% ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ଥିଲେ। ୨୦୧୧-୧୨ରେ ଏହା ୩୨.୨୯%କୁ ହ୍ରାସ ପାଇଥିଲା। ଉକ୍ତ ଆକଳନ ଅନୁଯାୟୀ, ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୨୪.୬୧ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ଦେଶର ସମସ୍ତ ରାଜ୍ୟଠାରୁ ସର୍ବାଧିକ। ନୀତି ଆୟୋଗଙ୍କ ୨୦୨୧ ଦାରିଦ୍ର୍ୟ ମାପଦଣ୍ଡର ହେଡ୍ କାଉଣ୍ଟ ରେସିଓ ଅନୁଯାୟୀ ରାଜ୍ୟର ୨୯.୩୫ ପ୍ରତିଶତ ଲୋକ ବହୁମୁଖୀ ଭାବେ ଦାରିଦ୍ର୍ୟ ବୋଲି ଜଣାପଡ଼ିଛି।

ଦାରିଦ୍ର୍ୟ ହ୍ରାସ କରିବାକୁ ନୀତି ଆୟୋଗର ପୋର୍ଟାଲ ଅନୁଯାୟୀ ଓଡ଼ିଶାରେ ୪୨୧୧ ଏନ୍‌ଜିଓ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଜନଜାତିବହୁଳ ଜିଲାଗୁଡ଼ିକର ଉନ୍ନତି ପାଇଁ ବିଜୁ କେବିକେ ଯୋଜନା, ବିଜୁ କନ୍ଧମାଳ ଓ ଗଜପତି ଯୋଜନା, ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନା ଆଦି ବହୁ ସ୍କିମ୍ କାର୍ଯ୍ୟକାରୀ ହେଉଛି।

# ଜମି କିଣାବିକାରେ ୫ ବର୍ଷରେ ୮୬୧୦ କୋଟି ରାଜସ୍ୱ ଆଦାୟ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟ ସରକାର ଗତ ୫ ବର୍ଷ ମଧ୍ୟରେ ଜମି କିଣାବିକା ବାବଦରେ ୮,୬୧୦ କୋଟି ଟଙ୍କା ରାଜସ୍ୱ ପାଇଛନ୍ତି। ୨୦୧୭-୧୮ରେ ୯,୭୪,୬୪,୯୦,୯୮୬, ୨୦୧୮-୧୯ରେ ୧୧,୬୩,୫୬,୭୭,୬୦୭, ୨୦୧୯-୨୦ରେ ୧୨, ୭୩, ୭୨, ୯୭, ୩୭୮, ୨୦୨୦-୨୧ରେ ୨୮,୬୫, ୬୨, ୮୨, ୩୩୪ ଏବଂ ୨୦୨୧-୨୨ରେ ୨୩, ୩୨, ୦୭, ୮୨, ୩୯୦ ଟଙ୍କା ଆଦାୟ ହୋଇଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଗୁରୁବାର ବିଧାନସଭାରେ ଏହା କହିଛନ୍ତି।

# କୃଷକ ଉତ୍ପାଦକ ସଙ୍ଗଠନ ନୀତି ଚାଷୀଙ୍କ ଆୟ ବଢ଼ାଇବ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ଅଣସଙ୍ଗଠିତ କ୍ଷୁଦ୍ର ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର କୃଷକ ଉତ୍ପାଦକ ସଙ୍ଗଠନ ନୀତି ପ୍ରଣୟନ କରିଛନ୍ତି। ଏହା ଦ୍ୱାରା ଚାଷୀ ସଙ୍ଗଠିତ ହୋଇପାରିବେ। ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସୁବିଧାରେ ବିକ୍ରିବଟା ହୋଇପାରିବ। ଏହାଦ୍ୱାରା କ୍ଷୁଦ୍ରଚାଷୀଙ୍କ ଆୟ ବଢ଼ିବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଗୁରୁବାର ଆୟୋଜିତ କୃଷକ ଉତ୍ପାଦକ ସଙ୍ଗଠନର ଗଠନ ଓ ପ୍ରସାର ଶୀର୍ଷକ ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟର ପ୍ରାୟ ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ସହ ଜଡ଼ିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ। କୃଷକ ଉତ୍ପାଦକ ସଙ୍ଗଠନ ଜରିଆରେ ସେମାନେ ସୁଲଭ ମୂଲ୍ୟରେ କୃଷି ସାମଗ୍ରୀ ପାଇବା ସହିତ ଉତ୍ପାଦିତ ସାମଗ୍ରୀ ଉଚିତ ଦରରେ ବିକ୍ରି କରିପାରିବେ। ଏହି ଅବସରରେ କୃଷକ ଉତ୍ପାଦକ ସଙ୍ଗଠନର ଶାସନ ଓ ଅନୁପାଳନ ସମ୍ପର୍କିତ ଏକ ହ୍ୟାଣ୍ଡବୁକ୍‌କୁ ମନ୍ତ୍ରୀ ସ୍ୱାଇଁ ଉନ୍ମୋଚନ କରିଛନ୍ତି। କର୍ମଶାଳାରେ ଉଦ୍‌ବୋଧନ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଚାଷୀଙ୍କୁ ସଶକ୍ତ କରିବା ନିମନ୍ତେ କୃଷକ ଉତ୍ପାଦକ ସଙ୍ଗଠନ ଏକ ପ୍ରକୃଷ୍ଟ ମାଧ୍ୟମ। ଓଡ଼ିଶା ସରକାରଙ୍କ ଦ୍ୱାରା କୃଷକ ଉତ୍ପାଦକ ସଙ୍ଗଠନ ନିମନ୍ତେ ନିଃଶୁଳ୍କ ପରାମର୍ଶ ସେବା ୧୮୦୦-୩୪୫-୧୨୩୨ ଆରମ୍ଭ କରାଯାଇଛି । କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ଇ-ନାମ୍ ପ୍ଲାଟ୍‌ଫର୍ମ ଜରିଆରେ ସାରା ଦେଶର ବଜାର ସହିତ ଯୋଡ଼ିହେବାର ସୁଯୋଗ ରହିଛି ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

KUBER FINANCE
(Registered)
ଭାରତର ନଂ ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଟର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଷ୍ଟାର ଶଟ୍‌ଲର ସିନ୍ଧୁ



ନିର୍ମଳ କୁମାର ମିଶ୍ର



ସିନ୍ଧୁ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ମୋଟ ୫୬୫ଟି ସିଙ୍ଗଲ୍ସ ମ୍ୟାଚ ଖେଳିସାରିଥିବା ବେଳେ ତନ୍ମଧ୍ୟରୁ ୩୯୭ ଟିରେ ବିଜୟ ଏବଂ ୧୬୮ଟିରେ ପରାଜୟ ବରଣ କରିଛନ୍ତି। ୨୦୧୨ରେ ପ୍ରଥମ ଥର ପାଇଁ ବି.ଡବ୍ଲୁ.ଏଫ୍ ଟପ୍ ୨୦ ର୍‍ୟାକିଙ୍ଗ୍‌ରେ ସେ ସ୍ଥାନ ପାଇଥିଲେ। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ୨୦୧୭ରେ ହାସଲ କରି ୨ ସ୍ଥାନରେ ରହିଥିଲେ। ଏବେ ତାଙ୍କର ନଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ରହିଛି, ଯାହାକି ଚଳିତ ମାସ ୨୮ ତାରିଖରୁ ଇଂଲଣ୍ଡର ବର୍ମିଂହାମଠାରେ ଆରମ୍ଭ ହେବାକୁ ଯାଉଛି। ଭାରତକୁ ବ୍ୟାଡ୍‌ମିଣ୍ଟନରେ ଆହୁରି ଆଗକୁ ନେବା ସହ ବି.ଡବ୍ଲ୍ୟୁ.ଏଫ୍ ର୍‍ୟାଙ୍କିଙ୍ଗ୍‌ରେ ୧ନମ୍ବର ସ୍ଥାନ ହାସଲ ପାଇଁ ସେ ତାଙ୍କ ଚେଷ୍ଟା ଜାରି ରଖିଛନ୍ତି।

ପୁଷାର୍ଲା ଭେଙ୍କଟ ସିନ୍ଧୁ। ସେ ହେଉଛନ୍ତି ଭାରତର ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବା ଶଟ୍‌ଲର। ସେ ପ୍ରଥମଥର ପାଇଁ ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ବିଜୟିନୀ ହୋଇଛନ୍ତି। ତାଙ୍କର ଏହି ସଫଳତା ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ନିଶ୍ଚିତ ଗୌରବର ବିଷୟ। ରୋମାଞ୍ଚକର ଫାଇନାଲରେ ଚାଇନାର ୱାଙ୍ଗ୍.ଜି.ୟିଙ୍କୁ ହରାଇ ଦେଇଥିଲେ। ଏହା ହେଉଛି ତାଙ୍କର ପ୍ରଥମ ସୁପର ୫୦୦ ଟାଇଟଲ। ଏହାକୁ ମିଶାଇ ସିନ୍ଧୁ ଚଳିତ ବର୍ଷ ୩ଟି ଟାଇଟଲ ଜିତିବା ସହ ଭାରତୀୟ ବ୍ୟାଡ୍‌ମିଣ୍ଟନକୁ ଏକ ନୂଆ ସୋପାନରେ ପହଞ୍ଚାଇଛନ୍ତି। ଏହା ପୂର୍ବରୁ ସେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଏବଂ ସୁଇସ୍ ଓପନରେ ୨ଟି ସୁପର ୩୦୦ ଟାଇଟଲ ଜିତି ସାରିଛନ୍ତି। ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ସିନ୍ଧୁଙ୍କ ପାଇଁ ଆଗକୁ ରହିଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏହି ବିଜୟ ନିଶ୍ଚିତ ରୂପେ ତାଙ୍କର ଆତ୍ମବିଶ୍ୱାସ ବଢାଇବ। ସିନ୍ଧୁ ଅତି ଚମତ୍କାର ଭାବରେ ଏହି ଗ୍ରାଣ୍ଡ ଫାଇନାଲରେ ନିଜର ଅଭିଯାନ ଆରମ୍ଭ କରି ପ୍ରଥମ ସେଟ୍ ଜିତିବା ସହ ୨ୟ ସେଟ୍‌ରେ ବ୍ୟାକ୍‌ଫୁଟରେ ରହିଥିଲେ। ମାତ୍ର ୩ୟ ସେଟ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଟାଇଟଲ ହାତେଇବାକୁ ସକ୍ଷମ ହୋଇଥିଲେ।

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ୍ (ବି.ଡବ୍ଲ୍ୟୁଏଫ୍) ର୍‍ୟାକିଙ୍ଗ୍‌ରେ ସିନ୍ଧୁ ବର୍ତ୍ତମାନ ୭ ନମ୍ବର ସ୍ଥାନରେ ରହିଥିବା ବେଳେ ୱାଙ୍ଗ୍.ଜି.ୟି ୧୧ତମ ସ୍ଥାନରେ ରହିଛନ୍ତି। ଚଳିତମାସ ୧୨ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଏହି ମେଗା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ୧୯୨୯ ମସିହାରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏବଂ ୨୦୧୮ରୁ ବି.ଡବ୍ଲ୍ୟୁ.ଏଫ୍ ଏହାକୁ ସୁପର ୫୦୦ର ମାନ୍ୟତା ପ୍ରଦାନ କରିଥିଲା। ବିଶ୍ୱର ଏହା ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ। ଶ୍ରେଷ୍ଠ ୭ଟି ଟୁର୍ନାମେଣ୍ଟ ମଧ୍ୟରୁ ଏକା ସମ୍ମାନ ଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଯେଉଁଥିରେ ବିଶ୍ୱ ର୍‍ୟାକିଙ୍ଗ୍‌ର ବହୁ ନାମୀଦାମୀ ଖେଳାଳି ଭାଗନେଇଥାନ୍ତି। ଆଗାମୀ ୨୦୨୩ରୁ ଏହି ଟୁର୍ନାମେଣ୍ଟ ସୁପର ୭୫୦ ହେବାକୁ ଯାଉଛି। ୧୯୬୦ ମସିହାରୁ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମାନ୍ୟତା ପାଇବା ପରେ ଇଣ୍ଡୋନେସିଆ ପୁରୁଷରେ ସର୍ବାଧିକ ୧୬ ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ସେହିପରି ବ୍ୟାଡମିଣ୍ଟନର ଅନ୍ୟତମ ଶକ୍ତିଶାଳୀ ଦେଶ ରୂପେ ପରିଗଣିତ ଚାଇନା ମହିଳା ସିଙ୍ଗଲ୍ସରେ ସର୍ବାଧିକ ୧୭ଥର ଟାଇଟଲ ଜିତିବାରେ ସକ୍ଷମ ହୋଇଛି। ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ପାଇଁ ଏହି ମେଗା ଟୁର୍ନାମେଣ୍ଟ କୋଭିଡ୍ ପାଇଁ ସ୍ଥଗିତ ରହିଥିଲା।

ହାଇଦ୍ରାବାଦର ଏହି ୨୭ ବର୍ଷୀୟା ସିନ୍ଧୁ ମହିଳା ଖେଳାଳି ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜଗତରେ ଏକ ପରିଚିତ ନାମ। ମାତ୍ର ୧୩ବର୍ଷ ବୟସରୁ ତାଙ୍କର ବ୍ୟାଡ୍‌ମିଣ୍ଟନ କ୍ୟାରିୟର ଆରମ୍ଭ କରିବା ସହିତ ୨୦୧୩ ଜାତୀୟ ଦଳରେ ସାମିଲ ହୋଇଥିଲେ। ଗୋପୀଚାନ୍ଦ ଏକାଡେମୀରୁ ଟ୍ରେନିଂ ନେବା ସହିତ ଇଣ୍ଟରନ୍ୟାଶନାଲ କ୍ୟାରିୟର ମାତ୍ର ୧୭ବର୍ଷ ବୟସରୁ ଆରମ୍ଭ କରି ଆଉ ପଛକୁ ଫେରି ନାହାନ୍ତି। ୨୦୧୦ରେ ଅନ୍ୟତମ ଶ୍ରେଷ୍ଠ ସଟଲର ସାଇନା ନେହ୍ୱାଲ ଏହି ଟୁର୍ନାମେଣ୍ଟରେ ବିଜୟୀ ହୋଇଥିବା ବେଳେ ୨୦୧୭ରେ ସାଇ ପ୍ରଣୀଥ୍ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିଲେ।

୨୦୧୬ ବ୍ରାଜିଲ ସମର ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତି କୋଟି କୋଟି ବିଶ୍ୱବାସୀଙ୍କ ହୃଦୟ ଜିତିଥିବା ବେଳେ ୨୦୨୨ ଟୋକିଓ ଅଲିମ୍ପିକ୍ସରେ ପୁନର୍ବାର ବ୍ରୋଞ୍ଜ ପଦକ ଜିତି ନିଜ ପାଖରେ ଭରପୂର ପ୍ରତିଭା ରହିଛି ବୋଲି ପ୍ରମାଣିତ କରିଥିଲେ। ନିଜ ର୍‍ୟାକିଙ୍ଗଠାରୁ ଉପରେ ଥିବା ବହୁ ନାମୀଦାମୀ ଖେଳାଳିଙ୍କୁ ପରାସ୍ତ କରିଥିଲେ। ୨୦୧୮ ଏସିଆନ ଗେମ୍ସ ଜାକର୍ତ୍ତାଠାରେ ରୌପ୍ୟ ପଦକ ଜିତିବା ସହିତ ୨୦୧୮ ଅଷ୍ଟ୍ରେଲିଆର ଗୋଲଡ କୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିବା ତାଙ୍କର ଅନ୍ୟତମ ଶ୍ରେଷ୍ଠ ସଫଳତା ରହିଥିଲା। ୨୦୧୯ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିବା ତାଙ୍କ ପାଇଁ ଆଣିଥିଲା ଅନେକ ସୁନାମ। ବର୍ତ୍ତମାନ ବି.ଡବ୍ଲ୍ୟୁ.ଏଫ୍ ର୍‍ୟାଙ୍କିଙ୍ଗରେ ଜାପାନର ଆକାନେ ୟାମାଗୁଚି ୧ ନମ୍ବର ସ୍ଥାନରେ ରହିଥିବା ବେଳେ ତାଇପେଇର ତାଇ.ତ୍ସୁ.ୟଙ୍ଗ ନଂ୨ ସ୍ଥାନରେ ରହିଛନ୍ତି। ପି.ଭି. ସିନ୍ଧୁ ୭ମ ସ୍ଥାନରେ ରହିଛନ୍ତି। ୨୦୧୨ରେ ପ୍ରଥମ ଥର ପାଇଁ ବି.ଡବ୍ଲ୍ୟୁ.ଏଫ୍ ର୍‍ୟାକିଙ୍ଗରେ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସର୍ବାଧିକ ର୍‍ୟାକିଙ୍ଗ ୨୦୧୭ରେ ୨ନମ୍ବର ସ୍ଥାନରେ ରହିଥିବା ବେଳେ ଏବେ ତାଙ୍କର ନଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ଯାହାକି ଚଳିତ ମାସ ୨୮ ତାରିଖରୁ ଇଂଲଣ୍ଡର ବର୍ମିଂହାମଠାରେ ଆରମ୍ଭହେବାକୁ ଯାଉଛି।

ଏହି ଷ୍ଟାର ଶଟ୍‌ଲର ତାଙ୍କ କ୍ୟାରିୟରରେ ମୋଟ ୫୬୫ଟି ମ୍ୟାଚ ସିଙ୍ଗଲ୍ସ ଖେଳିଥିବା ବେଳେ ୩୯୭ ଟିରେ ବିଜୟୀ ହୋଇଥିବା ବେଳେ ୧୬୮ଟି ମ୍ୟାଚରେ ପରାଜୟ ବରଣ କରଛନ୍ତି। ୨୦୨୨ରେ ଖେଳିଥିବା ମୋଟ ୪୪ଟି ସିଙ୍ଗଲ୍ସ ମ୍ୟାଚ ମଧ୍ୟରୁ ୩୨ଟିରେ ବିଜୟ ଲାଭ କରିଥିବା ବେଳେ ୧୨ଟିରେ ପରାଜିତ ହୋଇଛନ୍ତି। ସେ ଏପର୍ଯ୍ୟନ୍ତ ଖେଳିଥିବା ୨୪ଟି ଡବଲ୍ସ ମ୍ୟାଚ ମଧ୍ୟରୁ ୧୪ଟିରେ ବିଜୟ ଲାଭ କରିଥିବା ବେଳେ ୧୦ଟି ମ୍ୟାଚରେ ପରାଜିତ ହୋଇଛନ୍ତି। ଏହି ମହାନ୍ ଖେଳାଳିଙ୍କୁ ଭାରତ ସରକାର ୨୦୧୩ ଅର୍ଜୁନ ପୁରସ୍କାର ଏବଂ ୨୦୧୫ରେ ପଦ୍ମଶ୍ରୀ ଏବଂ ୨୦୧୬ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ସହ ୨୦୨୦ରେ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଛନ୍ତି।

ସିନ୍ଧୁ ଭାରତକୁ ବ୍ୟାଡମିଣ୍ଟନ ଗେମ୍‌ରେ ଆହୁରି ଆଗକୁ ନେବା ଲକ୍ଷ୍ୟ ରଖିଥିବା ବେଳେ ବି.ଡବ୍ଲ୍ୟୁ.ଏଫ୍ ର୍‍ୟାକିଙ୍ଗରେ ୧ନମ୍ବର ସ୍ଥାନ ହାସଲ ପାଇଁ ସେ ତାଙ୍କର ଚେଷ୍ଟା ଅବ୍ୟାହତ ରଖିଛନ୍ତି।

# ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ

## ଆଜି ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଦିନିକିଆ

**ପୋର୍ଟ ଅଫ୍ ସ୍ପେନ୍,୨୧।୭(ପି.ଟି)**

ଶିଖର ଧାୱନଙ୍କ ନେତୃତ୍ୱରେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ଗସ୍ତରେ ରହିଛି। ଶୁକ୍ରବାର ପୋର୍ଟ ଅଫ୍ ସ୍ପେନ୍‌ରେ ଉଭୟ ଦଳ ମଧ୍ୟରେ ଆରମ୍ଭ ହେବ ଦିନିକିଆ ସିରିଜ୍ ଲଢ଼େଇ। ଏହି ସିରିଜ୍ ପାଇଁ ଭାରତ ପକ୍ଷରୁ ଏହାର ସମସ୍ତ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ରହିଛି ଟିମ୍ ମ୍ୟାନେଜ୍‌ମେଣ୍ଟ। ଦ୍ୱିତୀୟଥର ପାଇଁ ଭାରତୀୟ ଦଳର ଅଧିନାୟକତ୍ୱ ପାଇଥିବା ଶିଖର ଧାୱନଙ୍କ ଲାଗି ମଧ୍ୟ ଏହା କୌଣସି ଚ୍ୟାଲେଞ୍ଜରୁ କମ୍ ନୁହେଁ। ନିୟମିତ ଅଧିନାୟକ ତଥା ଓପନର ରୋହିତ ଶର୍ମାଙ୍କୁ ଏହି ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି। ରୋହିତ୍‌ଙ୍କ ବ୍ୟତୀତ ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି ଏବଂ ରିଷଭ ପନ୍ତଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଶିଖର ଧାୱନଙ୍କ ସହିତ ଜଣେ ନୂଆ ଓପନରଙ୍କୁ ଦେଖିବାକୁ ମିଳିବ। ତେବେ ବାମ ଡାହାଣ କମ୍ବିନେଶନକୁ ନଜରରେ ରଖିଲେ ଶୁବମନ ଗିଲ୍ କିମ୍ବା ଋତୁରାଜ ଗାଏକ୍ୱାଡଙ୍କ ମଧ୍ୟରୁ ଜଣଙ୍କୁ ଖେଳାଯାଇପାରେ।

ଭାରତୀୟ ଦଳ ଏହି ଗସ୍ତରେ ୩ଟି ଦିନିକିଆ ଏବଂ ୫ଟି ଟି୨୦ ମ୍ୟାଚ୍ ଖେଳିବ। ଟି୨୦ ବିଶ୍ୱକପ୍ ଆଗକୁ ଥିବାରୁ ଟି୨୦ ସିରିଜର ଗୁରୁତ୍ୱ ରହିଛି। ମାତ୍ର ସିନିୟର ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ ଦିନିକିଆରେ କିଭଳି ପ୍ରଦର୍ଶନ କରୁଛନ୍ତି ଏବଂ ଚାପର ମୁକାବିଲା କରୁଛନ୍ତି ଏହା ଉପରେ ସମସ୍ତଙ୍କ ନଜର ରହିବ। ତେବେ ଭାରତୀୟ ମ୍ୟାନେଜ୍‌ମେଣ୍ଟ ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ଟିମ୍ ଚୟନ। ଓପନିଂ ପାଇଁ ଧାୱନଙ୍କ ସହିତ ୩ଟି ବିକଳ୍ପ ରହିଥିବା ବେଳେ ମିଡଲ ଅର୍ଡରରେ ମଧ୍ୟ ସମାନ ସମସ୍ୟା ରହିଛି। ରେଡ୍ ହଟ୍ ଫର୍ମରେ ରହିଥିବା ଦୀପକ ହୁଡାଙ୍କୁ ୩ ନମ୍ବରରେ ସୁଯୋଗ ମିଳିବା ଥୟ। ସେହିପରି ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜରେ ଶତକ ହାସଲ କରିଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ୪ ନମ୍ବରରେ ଖେଳାଯିବାର ସମ୍ଭାବନା ଅଧିକ। ଏପରି ହେଲେ ମିଡଲ ଅର୍ଡରରୁ ବାଦ୍ ପଡ଼ିପାରନ୍ତି ଶ୍ରେୟାସ ଆୟାର। ସଞ୍ଜୁ ସାମ୍‌ସନଙ୍କ ସହିତ ନିଜ ସ୍ଥାନ ପାଇଁ ଆୟାରଙ୍କୁ ଲଢ଼େଇ କରିବାକୁ ପଡ଼ିବ। ଶର୍ଟ ବଲ୍ ବିପକ୍ଷରେ ଆୟାରଙ୍କ ଦୁର୍ବଳତା କାରଣରୁ ନିଜ ଦ୍ୱିତୀୟ ଦିନିକିଆ ଖେଳିବାର ସୁଯୋଗ ପାଇପାରନ୍ତି ସାମ୍‌ସନ।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁର ପେସ୍ ବୋଲିଂ ଅଲ୍‌ରାଉଣ୍ଡର ଭାବେ ସ୍ଥାନ ପାଇ ପାରନ୍ତି। ନିକଟରେ ବାଂଲାଦେଶ ବିପକ୍ଷରେ ସ୍ପିନ୍ ବୋଲିଂ ଆଗରେ ୱେଷ୍ଟଇଣ୍ଡିଜ ଯେଉଁଭଳି ପ୍ରଦର୍ଶନ କଲା ସେଥିଲାଗି ଭାରତ ଚହଲ ଓ ଜାଡେଜାଙ୍କୁ ଖେଳାଇବ। ସେହିଭଳି ତୃତୀୟ ସ୍ପିନର ଭାବରେ ଅକ୍ଷର ପଟେଲ ଦଳରେ ଅଛନ୍ତି।



ଇନ୍‌ଡୋରରେ ଅଭ୍ୟାସ ଅବସରରେ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସହ ଶିଖର ଧାୱନ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**

# ମନିନ୍ଦର ଆମିକସ୍ କ୍ୟୁରି ନିଯୁକ୍ତ

**ନୂଆଦିଲ୍ଲୀ, ୨୧।୭ (ପି.ଟି.):** ସୁପ୍ରିମକୋର୍ଟ ଗୁରୁବାର ସିନିୟର ଆଡ୍‌ଭୋକେଟ ମନିନ୍ଦର ସିଂଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତି ଦେଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କର୍ମକର୍ତ୍ତାଙ୍କ କାର୍ଯ୍ୟକାଳକୁ ନେଇ ସମ୍ବିଧାନ ସଂଶୋଧନ ନିମନ୍ତେ ଜୁଲାଇ ୧୮ରେ ହେବାକୁଥିବା ଶୁଣାଣି ବେଳେ ସେ ସହାୟତା ପ୍ରଦାନ କରିବେ। ଚିଫ୍ ଜଷ୍ଟିସ୍ ଏନ୍.ଭି. ରମନା, ଜଷ୍ଟିସ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

# ଫାଓ ଲିଗ୍: ରାଇଜିଂ ଷ୍ଟୁଡେଣ୍ଟ୍ସ ବିଜୟୀ

**ଭୁବନେଶ୍ୱର,୨୧।୭,(ସ୍ପୋର୍ଟସ ବ୍ୟୁରୋ):** ବାରବାଟୀ ଷ୍ଟାଡିୟମରେ ଖେଳା ଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ର ୨୧ ତମ ମୁକାବିଲା ଜିତି ନେଇଛି ରାଇଜିଂ ଷ୍ଟୁଡେଣ୍ଟ୍ସ। କଡା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାକୁ ୩-୨ରେ ହାରିଯାଇଥିଲା ସ୍ପୋର୍ଟସ ହଷ୍ଟେଲ। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମ୍ୟାଚର ସପ୍ତମ ମିନିଟରେ ରାଇସେନ ଟୁଡୁ ପ୍ରଥମ ଗୋଲ ସ୍କୋର କରିଥିଲେ। ମାତ୍ର ୧୩ତମ ମିନିଟରେ ଆନନ୍ଦ ଓରାମଙ୍କ ଗୋଲ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲା। ଏହାର ୪ ମିନିଟ ମଧ୍ୟରେ ଅନ୍ତର୍ଯ୍ୟାମୀ ନାୟକ ଗୋଲ ସ୍କୋର କରି ରାଇଜିଂ ଷ୍ଟୁଡେଣ୍ଟ୍ସକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧରେ ଦଳ ୨-୧ରେ ଅଗ୍ରଣୀ ହାସଲ କରିଥିଲା ରାଇଜିଂ ଷ୍ଟୁଡେଣ୍ଟ୍ସ।

ଦ୍ୱିତୀୟାର୍ଦ୍ଧରେ ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଗୋଲ ପରିଶୋଧର ଆପ୍ରାଣ ଉଦ୍ୟମ କରାଯାଇଥିଲା। ୫୨ତମ ମିନିଟରେ ପାରାଓ ଟୁଡୁଙ୍କ ଗୋଲ ବଳରେ ଦଳ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲା। ପୁନର୍ବାର ୧୦ ମିନିଟ୍ ମଧ୍ୟରେ ରାଇଜିଂ ପକ୍ଷର ବିଜୟ ସୂଚକ ଗୋଲ ସ୍କୋର କରିଥିଲେ ଜମିର ଓରାମ।



ରାଇଜିଂ ଷ୍ଟୁଡେଣ୍ଟ ଓ ସ୍ପୋର୍ଟ୍ସ ହଷ୍ଟେଲ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପାରା ଶୁଟିଂ ବିଶ୍ୱକପ୍: ଭାରତକୁ ରେକର୍ଡ ୧୦ ପଦକ

**ମ୍ୟୁନିକ୍,୨୧।୭,(ପି.ଟି)**

ପାରାଲିମ୍ପିକ୍ସ ଶୁଟିଂ ପଦକ ବିଜେତା ସିଂହରାଜ ଆଧାନାଙ୍କ ଦୁଇ ସ୍ୱର୍ଣ୍ଣ ବିଜୟ ସହିତ ରେକର୍ଡ ୧୦ ପଦକ ହାସଲ କରିଛି ଭାରତ। ବିଶ୍ୱକପର ଅନ୍ତିମ ଦିନରେ ସିଂହରାଜ ଦୁଇ ପଦକ ସହିତ ସମୁଦାୟ ୧୦ପଦକ ହାସଲ କରିଥିଲା ଭାରତ। ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହିତ ଭାରତ ପଦକ ତାଲିକା ଶୀର୍ଷରେ ରହିଥିଲା। ୩ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଫ୍ରାନ୍ସ(୧୧) ଏବଂ ୟୁକ୍ରେନ୍ (୧୫) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୭ରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଖେଳିଥିବା ଭାରତର ଏହା ଶ୍ରେଷ୍ଠ ପ୍ରଦର୍ଶନ।

ଅନ୍ତିମ ଦିନରେ ପି-୪ ଇଭେଣ୍ଟରେ ୨୨୪.୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୟୁକ୍ରେନର ଓଲେକସି ଡେନିସୁକ୍ ୨୧୬.୨ ପଏଣ୍ଟ ସହିତ ରୌପ୍ୟ ଏବଂ କୋରିଆର ଜୋଏଙ୍ଗଡୁ ଜୋ ବ୍ରୋଞ୍ଜ ପଦକ ଜିତିଥିଲେ। ଏକାଧିକ ରୌପ୍ୟ ଓ ବ୍ରୋଞ୍ଜ ପର ସିଂହରାଜଙ୍କର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ବ୍ୟକ୍ତିଗତ ଇଭେଣ୍ଟ ପୂର୍ବରୁ ଦୀପେନ୍ଦର ସିଂ ଓ ମନୀଷ ନରୱାଲଙ୍କୁ ସହିତ ଦଳଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ସିଂହରାଜ ଅଧାନା। ଏହି ସଫଳତା ପାଇଁ ସେ ନିଜ କୋଚ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହା ପୂର୍ବରୁ ରାହୁଲ ଜାଖର ୨୫ ମିଟ ପିସ୍ତଲ ପି-୩ ବର୍ଗରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଜାଖର, ସିଂହରାଜ ଓ ନିହାଲ ମିଳିତ ଭାବରେ ୧୬୯୫-୩୬ଏକ୍ସ ବର୍ଗରେ ସ୍ୱର୍ଣ୍ଣ ଜିତିଥିଲେ। ମନୀଷ ନରୱାଲ ଏବଂ ରୁବିନା ଫ୍ରାନ୍ସିସ୍ ପି-୬ ମିକ୍ସଡ ଟିମ୍ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ଭାରତୀୟ ପାରା ଶୁଟିଂ ଟିମ୍ ଆସନ୍ତା ନଭେମ୍ବରରେ ହେବାକୁଥିବା ଶୁଟିଂ ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରିବ।



ପଦକ ସହ ସିଂହରାଜ ଆଧାନା (ମଝି)।

# ଫୁଟ୍‌ବଲରଙ୍କ ପରଲୋକରେ ଶୋକ

**ଭୁବନେଶ୍ୱର,୨୧।୭,(ସ୍ପୋର୍ଟସ ବ୍ୟୁରୋ):** ପୂର୍ବତନ ଜାତୀୟ ସ୍ତରର ଫୁଟବଲ ଖେଳାଳି ପରମାନନ୍ଦ ଖାଲଖୋଙ୍କ ପରଲୋକ ଘଟିଛି। ବ୍ରଜରାଜ ନଗରରେ ଖାଲଖୋ ଗୁରୁବାର ଶେଷ ନିଶ୍ୱାସ ତ୍ୟାଗ କରିଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା। ୧୯୫୦ରୁ ୬୦ ଦଶକ ମଧ୍ୟରେ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିବା ଖାଲଖୋ ଜଣେ ମିଡଫିଲ୍ଡର ରହିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଫୁଟବଲ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୨/୨୦୨୨ Bhubaneswar, Friday, July 22/ 2022




# ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଅନ୍ନୁ ରାଣୀ

**ଇୟୁଜିନ, ୨୧।୭, (ପି.ଟି):** ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ଆଉ ଜଣେ ଭାରତୀୟ ଖେଳାଳି। ପୂର୍ବରୁ ଅବିନାଶ ସାବଲେ ଓ ମୁରଲୀ ଶ୍ରୀଶଙ୍କର ଫାଇନାଲରେ ପ୍ରବେଶ କରିଥିବା ବେଳେ ଗୁରୁବାର ମହିଳା ଜାଭେଲିନ୍ ଥ୍ରୋୟର୍ ଅନ୍ନୁ ରାଣୀ ଫାଇନାଲରେ ପ୍ରବେଶ କରିଛନ୍ତି। ନିଜର ଶେଷ ପ୍ରୟାସରେ ଅନ୍ନୁ ୫୯.୬୦ ମିଟର ଦୂର ଥ୍ରୋ କରିବା ସହିତ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଅନ୍ନୁଙ୍କ ପ୍ରଥମ ଥ୍ରୋ ଫାଉଲ ରହିଥିବା ବେଳେ ଦ୍ୱିତୀୟ ଥ୍ରୋ ୫୫.୩୫ ମିଟର ରହିଥିଲା। ଏହାପରେ ନିଜର ଅନ୍ତିମ ଥ୍ରୋରେ ୫୯.୬୦ ମିଟର ଦୂରତା ହାସଲ କରିବା ସହିତ ଫାଇନାଲରେ ପହଞ୍ଚିଥିଲେ। ଅନ୍ନୁଙ୍କ ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ଏହା କମ ରହିଥିଲେ ହେଁ ଫାଇନାଲ ରାଉଣ୍ଡ ପାଇଁ ଯଥେଷ୍ଟ ରହିଥିଲା।

୨୯ ବର୍ଷୀୟ ଏହି ଜାତୀୟ ରେକର୍ଡଧାରୀ ଖେଳାଳିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୬୩.୮୨ ମିଟର ରହିଛି। ଗ୍ରୁପ୍ ବିରେ ୫ ନମ୍ବର ସ୍ଥାନରେ ରହିଥିଲେ ଅନ୍ନୁ। ତୃତୀୟ ଥର ପାଇଁ ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରୁଥିବା ଅନ୍ନୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ବର୍ଥ ସୁରକ୍ଷିତ ରଖିଛନ୍ତି।













For Franchisee Enquiry:- Call +91 7077721612 • For Trade Enquiries, Call +91 7077721602 • For Clean Home Products Trade Enquiries, Call +91 8826102361

Prestige Xclusive BHUBANESWAR, Rabi Takies Chhak: opposite to Kedar Gouri Resort Mob: 7750925223; Bapuji Nagar: 105 Bapuji Nagar, Behind Yes Bank(Old Post Office Lane) Lane No 08, Ph: 0674-2597141/ 9937138998; Bapuji Nagar: 237, Parni Tanki Lane, Bapuji Nagar, Ph: 0674-2597685 Mob: 9777744071, Satyangar: 10, Janpath,Satyangar, Mob: 8280056821, ID Market: Shop No FG 3, I.D. Market, Near Reliance Fresh, IRC Village Mob: 9861404879, Damana: 248, Sailashree Vihar Road, Damana Mob: 7327902258, Baramunda: A/37, Ruchika Market, Baramunda, Mob: 9937074674, Raghunathpur: Shop no - S5, Manson Green, Raghunathpur, Nandankanan Road, Mob: 8895390144; CUTTACK, Dolmundai: Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, Baxi Bazar: Manisahoo Chhak, Mob: 6371736954; CDA: Plot No. CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702, Rourkela: Daily Market,Near Reliance trend, Rourkela, Mob: 9777457774, BALUGAON: Chilika Road, Balugaon, Mob: 8984858783; KENDRAPARA: Kakat Chhak, Ph: 06727 221241; Mob: 9040562233; DHENKANAL: I.G.Super Market, near SBI ATM; Mob: 9337477279/ 9348178750; BOLANGIR: A.B.S.S. Road, Near Samaleswari Temple, Ph: 06652 232419; Mob: 9437331171, 9437241863; SEMILIGUDA: Infront of RAM Mandir Gate, Main Road, Mob: 8328800974. BARGARH: C/o: New Patra Needs, infront of Gopal Goshala, NH-6, Main Road, Mob: 9776323188; SAMBALPUR, Golbazaar: Near Durga Temple, Mob: 9338194750, JEYPORE: pani nala sahi junction, main road, opp. mayuri jewellers, Mob- 9437175029, JAGATSINGHAPUR: C/o: Orchid Mart, Central Market, Ph: 06724221090/ 06724221080, ANGUL: Near Havells Galaxy Store, Shankar Cinema Rd, Mob –7608885430, JHARSUGUDA: Near Khimji Jjewellers, Sarbahal Road, Jharsuguda, Mob- 7004518123.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଧର୍ମଶାଳା,୨୧।୭(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଜାମୁବଣିଆ ଗ୍ରାମରେ ଗୁରୁବାର ଜଣେ ଯୁବକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଗ୍ରାମର ଗଗନ ବିହାରୀ ଦତ୍ତଙ୍କ ପୁଅ ସାଇସ୍ୱରୂପ(୨୫)। ସ୍ୱାଇସ୍ୱରୂପ ଏମ୍‌ବିଏ ପାସ କରି ନାୟାଗଡ଼ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚାକିରି କରିଥିଲେ। କିଛିଦିନ ତଳେ ସେ ଗାଁକୁ ଆସିଥିଲେ। ମାତ୍ର କୌଣସି କାରଣକୁ ନେଇ ମାନସିକ ଚାପରେ ରହୁଥିଲେ। ପରେ ତାଙ୍କର ନୂତନ ଭାବେ ନିର୍ମାଣ ହୋଇଥିବା ଘର ଭିତରୁ କବାଟ କିଳି ସିଲିଂରେ ଓହଳିପଡିଥିଲେ। ପରିବାର ଲୋକେ କବାଟଭାଙ୍ଗି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୨୪/୨୨ରେ ଏକ ମାମଲା ରୁଜୁ ହୋଇଛି।

### ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ

**ଧର୍ମଶାଳା,୨୧।୭(ଡି.ଏନ.ଏ.):** ଜାରକା ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କ ଅନ୍ୟତ୍ର ବଦଳି ହୋଇଛି। ତାଙ୍କ ସ୍ଥାନରେ ଗୁରୁବାର ନୂତନ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାମଦେବ ଦାସ ଯୋଗ ଦେବାସହ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଯନ୍ତ୍ରୀ ଦାସ ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ତେବେ ସେ କାର୍ଯ୍ୟରେ ଯୋଗ ଦେବାପରେ ଚାଷ ଜମିକୁ ଜଳସେଚନ, ନଦୀବନ୍ଧ ସୁରକ୍ଷା ଓ ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଜାରକା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସବ୍ୟସଚିନ ବିଶ୍ୱାଳ, ବରୀ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପକ ପ୍ରଧାନ, ଚଣ୍ଡିଖୋଲ ଡିଭିଜନ ସହକାରୀ ନିର୍ବାହୀଯନ୍ତ୍ରୀ ଭାଗବତ ବେହେରା,ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ, କନିଷ୍ଠ ଯନ୍ତ୍ରୀ ନିଲକ୍ରମ ସେଠୀ ପ୍ରମୁଖ ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପରେ ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ପଟ୍ଟନାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

### ଚୋରି ବ୍ୟାଟେରି ଜବତ, ୨ ଗିରଫ

**ଧର୍ମଶାଳା,୨୧।୭(ଡି.ଏନ.ଏ.):** ଜେନାପୁର ଥାନା ରେଖିଦେଇପୁର ଗ୍ରାମରେ ଏକ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଚୋରି ବ୍ୟାଟେରି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଖିଦେଇପୁର ଗ୍ରାମର ବିଚିତ୍ର କୁମାର ମଲ୍ଲ (୪୫) ଓ ମାନସ ପରିଡ଼ା(୨୬)। ସୂଚନା ମୁତାବକ, ରେଖିଦେଇପୁର ଗ୍ରାମର ଅଶୋକ କୁମାର ମଲ୍ଲଙ୍କ ଘର ସାମ୍ନାରେ ଥିବା ତାଙ୍କ ଓଆର୍-୦୪-ଏଚ୍-୮୨୪୮ ଟ୍ରାକ୍ଟରରୁ କେହି ଦୁର୍ବୃତ୍ତ ବ୍ୟାଟେରି ଖୋଲି ନେଇଥିଲେ। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୯୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ସୂଚନା ଅଧିକାର ଆଇନକୁ ଭୟ

**ଯାଜପୁର ଅଫିସ,୨୧।୭**

- ଠିକ୍ ସମୟରେ ମିଳୁନି ତଥ୍ୟ
- କମିଶନରଙ୍କ ଜରିମାନା ନିର୍ଦ୍ଦେଶ ବି ପ୍ରଭାବହୀନ

ଯାଜପୁର ଜିଲାରେ ସୂଚନା ଅଧିକାର ଆଇନ (ଆରଟିଆଇ)ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ଭାବେ ପରାହତ ହୋଇଛି। ମାସ ମାସ ଧରି ସୂଚନା ଦେବାକୁ ଉଦ୍ଦେଶ୍ୟମୂଳକ ଭାବେ ଅବହେଳା କରାଯାଉଛି। ଅପିଲ କଲେ ମଧ୍ୟ ସୁଫଳ ମିଳୁନାହିଁ। ଆଉ କେତେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବେ ଆବେଦନ ହୋଇ ନାହିଁ ବୋଲି ଦର୍ଶାଯାଉଛି। ଫଳରେ ଦୁର୍ନୀତି ବିରୋଧରେ ଆରଟିଆଇ ଏକ ଅମୋଘ ଅସ୍ତ୍ର ହୋଇଥିଲେ ମଧ୍ୟ ଜିଲାରେ ଏହାର ପ୍ରଭାବ ନୈରାଶ୍ୟଜନକ ରହିଛି। କେତେକାଂଶରେ ଦୁର୍ନୀତିଖୋର ଅଧିକାରୀଙ୍କ ସହ ସଂପୃକ୍ତ ପିଆଇଓ ମିଳିମିଶି ଏଭଳି ଚକ୍ରାନ୍ତ କରୁଥିବା ଅଭିଯୋଗ ହେଉଛି। ଏହିକ୍ରମରେ ଆରଟିଆଇକୁ ଭୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁବୋଲି ମତପ୍ରକାଶ ପାଇଛି।

କମିଶନରଙ୍କ କୋର୍ଟରେ ପହଞ୍ଚିଲେ ସୂଚନା ଦେବାରେ ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ହେଉଥିବା ଜୋରିମାନାର ସେଭଳି କିଛି ପ୍ରଭାବ ପଡୁନାହିଁ। ଉଦାହାରଣ ସ୍ୱରୂପ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦେଇ ନ ଥିବାରୁ ଯାଜପୁର ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିକଟରେ ୨୦ ହଜାର ଟଙ୍କା ଓ ଉକ୍ତ କାର୍ଯ୍ୟାଳୟର ପିଆଇଓଙ୍କୁ ୫ ହଜାର ଟଙ୍କା ଜୋରିମାନା ଦେବାପାଇଁ ସୂଚନା କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ସତ୍ତ୍ୱେ ଯାଜପୁର ଜିଲାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଆରଟିଆଇକୁ ମାନୁନାହାନ୍ତି। ଫଳରେ ଜିଲାରେ ଦୁର୍ନୀତିର ଚେର ଦିନକୁ ଦିନ ମାଡ଼ି ଚାଲିଛି। କେବଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନୁହେଁ ପ୍ରାୟ ଅଧିକାଂଶ ବିଭାଗରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳୁନାହିଁ।

ପ୍ରକାଶ ଯେ, ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ରମେଶ ଚନ୍ଦ୍ର ସାହାଣୀ ନାମକ ଜଣେ ସୂଚନା ଅଧିକାର କର୍ମୀ ୧୭।୫।୨୦୨୨ରେ ଏକ ସୂଚନା ମାଗିଥିଲେ। ସୂଚନା ଦେବାର ଅବଧି ୩୦ ଦିନ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ୨ ମାସ ପରେ ବି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥିନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ସାହାଣୀ ଏହି କାର୍ଯ୍ୟାଳୟରେ ୧୧।୪।୨୦୨୨ ଓ ୨୫।୪।୨୦୨୨ ରେ ଅନ୍ୟ ଦୁଇଟି ତଥ୍ୟ ପାଇଁ ଆବେଦନ କରିଥିଲେ। କିନ୍ତୁ ତଥ୍ୟ ନ ମିଳିବାରୁ ସେ ୨୫।୫।୨୦୨୨ ଓ ୨।୬।୨୦୨୨ରେ ଉକ୍ତ କାର୍ଯ୍ୟାଳୟର ପ୍ରଥମ ଆପିଲେଟ ଅଥରିଟିଙ୍କ ନିକଟରେ ଅପିଲ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲା ଶିକ୍ଷାଧିକାରୀ ଏହି ମାମଲାର ବିଚାର କରି ତଥ୍ୟ ଯୋଗାଇଦେବା ତ ଦୂରର କଥା କୌଣସି ନୋଟିସ୍ କରି ନ ଥିବାର ଅଭିଯୋଗ ହୋଇଛି। ଫଳରେ ସାହାଣୀ ଏଥିନେଇ ସୂଚନା ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଏହାସହ ସୂଚନା କର୍ମୀ ଚନ୍ଦ୍ରକାନ୍ତ ପତି ବଡ଼ଚଣା ବିଇଓ ନକଲି ଜାତିଗତ ପ୍ରମାଣପତ୍ର ବଳରେ ଚାକିରି କରୁଥିବା ଅଭିଯୋଗ କରି ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ୧୨।୪।୨୦୨୨ରେ ତଥ୍ୟ ମାଗିଥିଲେ। ନିର୍ଦ୍ଧାରିତ ସମୟରେ ସେ ତଥ୍ୟ ନ ଦେବାରୁ ଅପିଲ କରିଛନ୍ତି। ଏହାପରେ ଡିଇଓ ଆବଶ୍ୟକ ତଥ୍ୟ ଦେବାକୁ ବଡ଼ଚଣା ବିଇଓଙ୍କୁ ପତ୍ର ଲେଖିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ସେହିପରି ସୂଚନା କର୍ମୀ ପତି ୨୩।୪।୨୦୨୨ରେ କୋରେଇ ବ୍ଲକର ୭ଜଣ ଶିକ୍ଷକଙ୍କ ସମ୍ପର୍କରେ ତଥ୍ୟ ମାଗିଥିଲେ ମଧ୍ୟ ତାହା ବି ମିଳି ପାରିନାହିଁ। ଏହାବାଦ୍ ବ୍ୟାସନଗର ତହସିଲଦାରଙ୍କୁ ୨୧।୫।୨୦୨୨ରେ ୬ ଜଣ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ତଥ୍ୟ ମାଗିଥିଲେ ବି ତାହା ଏଯାଏ ମିଳିନାହିଁ। ଏନେଇ ସୁଜିତ ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। କେବଳ ଡିଇଓଙ୍କ କାର୍ଯ୍ୟାଳୟ ନୁହେଁ, ଜିଲାସମାଜ ମଙ୍ଗଳ ବିଭାଗ ଆରଟିଆଇ ବଳରେ ତଥ୍ୟ ଦେବାକୁ ଖୋଲା ଖୋଲି ଉଲ୍ଲଂଘନ କରୁଛି। ଏପରିକି ଆରଟିଆଇ ବଳରେ ମଗାଯାଇଥିବା ତଥ୍ୟ ଏହି କାର୍ଯ୍ୟାଳୟରୁ ଗାଏବ କରିଦିଆଯାଉଛି ବୋଲି ଅଭିଯୋଗ ହେଉଛି। ୨୩।୬।୨୦୨୨ରେ ଜିଲା ସମାଜ ମଙ୍ଗଳ ବିଭାଗକୁ ଜଣେ ବ୍ୟକ୍ତି କିଛି ତଥ୍ୟ ପାଇଁ ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟାଳୟର ପିଆଇଓଙ୍କଠାରୁ କୌଣସି ସୂଚନା ମିଳି ନଥିଲା। ସମ୍ପୃକ୍ତ ଆବେଦନକାରୀ ଉକ୍ତ କାର୍ଯ୍ୟାଳୟର ପିଆଇଓଙ୍କୁ ଭେଟି ଏ ସମ୍ପର୍କରେ ପଚାରି ବୁଝିଥିଲେ। ହେଲେ ଏହି ଦରଖାସ୍ତ କାର୍ଯ୍ୟାଳୟରେ ଅଦ୍ୟାବଧି ପହଞ୍ଚି ନାହିଁ ବୋଲି ସଫେଇ ଦିଆଯାଉଛି। କିନ୍ତୁ ପୋଷ୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୪।୬।୨୦୨୨ରେ ଉକ୍ତ କାର୍ଯ୍ୟାଳୟର ଜଣେ କର୍ମଚାରୀ ଆରଟିଆଇ ଆବେଦନ ପତ୍ର ଗ୍ରହଣ କରିଥିବା ଜଣାପଡିଛି। ଏଭଳି ଏକାଧିକ ଆରଟିଆଇ ଆବେଦନ ଚାପି ଦିଆଯାଉଥିବାର ନଜିର ରହିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ଶ୍ରମ ବିଭାଗ, ଜିଲା ଉଦ୍ୟାନ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ମଧ୍ୟ ମାସ ମାସ ଧରି କୌଣସି ସୂଚନା ଦିଆଯାଉନାହିଁ। ଆଉ କେତେକ କାର୍ଯ୍ୟାଳୟରେ ନାମକୁ ମାତ୍ର କିଛି ସୂଚନା ଦେଇ ଅବଶିଷ୍ଟ ସୂଚନାକୁ ଉଦ୍ଦେଶ୍ୟ ମୂଳକ ଭାବେ ଚାପି ଦିଆଯାଉଛି ବୋଲି ସୂଚନା କର୍ମୀ ସାହାଣୀ ଅଭିଯୋଗ କରିଛନ୍ତି।

### ବସ୍‌ରୁ ପଡ଼ି ହେଲ୍‌ପର ମୃତ

**ଚଣ୍ଡିଖୋଲ,୨୧।୭(ଡି.ଏନ୍.ଏ.)**

ବଡ଼ଚଣା ଥାନା ୧୬ ନମ୍ବର ଜାତୀୟ ରାଜପଥର ବନ୍ଦାଲୋ ଛକ ନିକଟରେ ବୁଧବାର ରାତିରେ ବସ୍‌ରୁ ପଡ଼ି ଜଣେ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ କେନ୍ଦୁଝର ଜିଲା ଖିରେଇଟାଙ୍ଗୀ ଗ୍ରାମର ଲୋକନାଥ ନାୟକ। ଲୋକନାଥ ସଙ୍କଟାପନ୍ନ ଅବସ୍ଥାରେ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୋକନାଥଙ୍କ ମୋବାଇଲରୁ ପୋଲିସ ତାଙ୍କ ପରିଚୟ ପାଇଥିଲା। ଫଳରେ ତାଙ୍କ ପରିବାର ଲୋକଙ୍କୁ ବଡ଼ଚଣା ଥାନାଧିକାରୀ ଖବର ଦେବା ପରେ ସେମାନେ ପହଞ୍ଚି ମୃତଦେହକୁ ନେଇଥିଲେ। ଲୋକନାଥ ୧୦ବର୍ଷ ହେଲା ଏକ ଘରୋଇ ବସ୍‌ରେ ହେଲପର କାମ କରୁଥିଲେ। ବସଟି ଭୁବନେଶ୍ୱରରୁ ଚମ୍ପୁଆ ଅଭିମୁଖେ ସୁପରଫାଷ୍ଟ ଏକ୍ସପ୍ରେସ ଭାବେ ଯାତାୟାତ କରେ। ଘଟଣାସ୍ଥଳରେ ସେହି ବସରୁ ହେଲପର ଓହ୍ଲାଇ ପରିସ୍ରା ଯାଇଥିଲେ। ତେବେ ଚଢ଼ିବା ସମୟରେ ବସରୁ ଖସିପଡ଼ିବାରୁ ତାଙ୍କ ଗୋଡ଼ ଉପରେ ବସ୍ ଚଢିଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ଥାନା ଅଧିକାରୀ ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି।

# ୪ ମାସ ହେଲା ଆସୁନି ମଧ୍ୟାହ୍ନଭୋଜନ ଅନୁଦାନ



ଏକ ବିଦ୍ୟାଳୟରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ କରୁଛନ୍ତି।

**ବିଞ୍ଝାରପୁର,୨୧।୭(ଡି.ଏନ.ଏ.)**

## ବନ୍ଧା ପଡ଼ିଛନ୍ତି ପ୍ରାଧନ ଶିକ୍ଷୟିତ୍ରୀ, ଶିକ୍ଷକ

ବିଞ୍ଝାରପୁର ବ୍ଲକରେ ପ୍ରହସନ ପାଲଟିଛି ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ। ମାସମାସ ଧରି ବିଦ୍ୟାଳୟକୁ ଆସୁନି ମଧ୍ୟାହ୍ନଭୋଜନ ବାବଦ ଅନୁଦାନ। ଫଳରେ ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦେଇ ଦୋକାନୀଙ୍କ ନିକଟରେ ବନ୍ଧା ପଡ଼ିଛନ୍ତି ପ୍ରଧାନଶିକ୍ଷୟିତ୍ରୀ,ଶିକ୍ଷକ। ଏପରି ଘଟଣା ଦେଖିବାକୁ ମିଳିଛି ବ୍ଲକର ବିଭିନ୍ନ ସ୍କୁଲରେ, ଯାହାକୁ ନେଇ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

କରୋନା ଯୋଗୁ ଦୀର୍ଘଦିନ ବିଦ୍ୟାଳୟ ବନ୍ଦ ରହିଲାପରେ ଏପ୍ରିଲ ପହିଲାରୁ ଖୋଲିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଛି। କିନ୍ତୁ ବାସ୍ତବ ପକ୍ଷେ ଏହି ଯୋଜନା ପାଇଁ ଅର୍ଥ ଆସୁ ନ ଥିବା ବିଭିନ୍ନ ସ୍କୁଲର ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏତେଦିନ ଧରି ମଧ୍ୟାହ୍ନଭୋଜନ ଅନୁଦାନ ଆସୁ ନ ଥିବାରୁ ଦୋକାନୀମାନେ ଆଉ ଉଧାର ଦେବାକୁ ଚାହୁନାହାନ୍ତି। ଫଳରେ ମଧ୍ୟାହ୍ନଭୋଜନ ଏକପ୍ରକାର ବନ୍ଦ ହେବାକୁ ବସିଲାଣି। ସେହିପରି ବରୀ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଅଙ୍ଗାଲୋ ଓ ମଧୁସୂଦନପୁର ପଞ୍ଚାୟତର ବିଭିନ୍ନ ସ୍କୁଲରେ ମଧ୍ୟ ୪ ମାସ ହେଲା ମଧ୍ୟାହ୍ନଭୋଜନ ଅର୍ଥ ମିଳି ନ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ମଧ୍ୟାହ୍ନଭୋଜନ ବବାଦ ଅର୍ଥ ପ୍ରଦାନ କରା ନ ଗଲେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ରହିବେ ବୋଲି କେତେଜଣ ଶିକ୍ଷକ ରୋକଠୋକ ଶୁଣାଇଛନ୍ତି। ଏ ସମ୍ପର୍କରେ ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ମହମ୍ମଦ ହୁମାୟୁନଙ୍କୁ ପଚାରିବାରୁ ସେ କହିଛନ୍ତି, ମଧ୍ୟାହ୍ନଭୋଜନ ବାବଦ ଅର୍ଥ ଆସିନାହିଁ। ଆସିଲେ ତୁରନ୍ତ ଯୋଗାଇ ଦିଆଯିବ।

### ନାବାଳକଙ୍କୁ ଆକ୍ରମଣ, ଥାନାରେ ମାମଲା

**ଝୁମ୍ପୁରୀ,୨୧।୭(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ ଇଜାପୁର ପଞ୍ଚାୟତସ୍ଥ କାଜିବାଗ ଗ୍ରାମରେ ଜଣେ ୧୦ ବର୍ଷର ନାବାଳକଙ୍କୁ ସେହି ଗ୍ରାମର ଦୁଇ ଯୁବକ ମାଡ଼ମାରି ରକ୍ତାକ୍ତ କରିଛନ୍ତି। ନାବାଳକ ଜଣକ ଗୁରୁତର ହୋଇ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ଆକ୍ରମଣ କରିଥିବା ଦୁଇ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରଖିଛି। ଗ୍ରାମର ଜଗନ୍ନାଥ ଖଣ୍ଡୁଆଳଙ୍କ ଅଭିଯୋଗକ୍ରମେ ତାଙ୍କ ପୁଅ ଆୟୁଷ(୧୦) ୫ମରେ ପଢନ୍ତି। ବୁଧବାର ସନ୍ଧ୍ୟାରେ ଟିଉଶନ୍‌ରୁ ଘରକୁ ଫେରୁଥିବାବେଳେ ଗ୍ରାମର ବାପୁଜୀ ଚରଣ ଦାସ ଓ ତାଙ୍କ ସାନଭାଇ ନିହାର ରଞ୍ଜନ ଦାସ ଆୟୁଷଙ୍କୁ ଖରାପ ଭାଷା କହିଥିଲେ। ଆୟୁଷ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ଆୟୁଷ ଗୁରୁତର ହୋଇଥିଲେ। ଜଗନ୍ନାଥଙ୍କ ପକ୍ଷରୁ ଝୁମ୍ପୁରୀ ବିଟ୍ ହାଉସ୍ ଓ ମଙ୍ଗଳପୁର ଥାନାରେ ଆକ୍ରମଣକାରୀ ଯୁବକଦ୍ୱୟଙ୍କ ନାମରେ ଅଭିଯୋଗ କରାଯାଇଛି।

### ଦୁର୍ଘଟଣାରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ

**ପାଣିକୋଇଲ,୨୧।୭(ଡି.ଏନ୍.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ସଠିପୁର ମଧ୍ୟସ୍ଥଳି ରାଜା ଭାଡା ସମ୍ମୁଖରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୯/୨୨ ରୁଜୁ ହୋଇଛି। ପରିଚୟ ପାଇଁ ମୃତଦେହକୁ ୭୨ ଘଣ୍ଟା ରଖାଯିବ। ଏପହାରେ ସତ୍କାର କରାଯିବ ବୋଲି ସୂଚନା ମିଳିଛି।

# ଦାଦାବଟି, ଲୁଟ୍‌ତରାଜ ଅଭିଯୋଗ: ୩ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

**ଚଣ୍ଡିଖୋଲ,୨୧।୭(ଡି.ଏନ୍.ଏ.)**

## ବନ୍ଧୁକ ଓ ଗୁଳି ଜବତ

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ଦାଦାବଟି ମାଗିବା ସହ ବିଭିନ୍ନ ଲୁଟ୍‌ତରାଜ ମାମଲାରେ ସାମିଲ ଥାଇ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ଗୋଟିଏ ମାଉଜର, ଦୁଇଟି ଜୀବନ୍ତ ଗୁଳି, ଏକ ପଲସର ବାଇକ୍ ଓ ଏକ ବୁଲେଟ୍ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ନଳୀପୁର ଗ୍ରାମର ମହମଦ ଜାହାଙ୍ଗୀର ଓରଫ୍ ବାବୁ (୩୦), ଚାରିନଙ୍ଗଳ ଗ୍ରାମର ସେକ୍ ୱାହିଦ୍ ଓରଫ୍ ଅମନ୍(୨୨) ଓ କଳାଶ୍ରୀ ଛତାବର ଗ୍ରାମର ସେକ୍ ହାଇଦର ଅଲ୍ଲୀ ଓରଫ୍ ରାଜନ୍(୨୭)।

ଏହି ୩ଜଣ ଚାରିନଙ୍ଗଳ ଇଦ୍‌ଗାହର ମୌଲାନା ଫକୀର ଉଦ୍ଦିନ୍ ହାସିମ କାସିମ୍‌ଙ୍କୁ ୨୦୨୦ ଡିସେମ୍ବର ୧୭ରେ ବନ୍ଧୁକ ଦେଖାଇ ଧମକ ଚମକ ଦେବା ସହ ତାଙ୍କ ଘରେ ପଶି ଲୁଟ୍ କରିଥିଲେ। ଏହା ସହ ୨ଲକ୍ଷ ଟଙ୍କା ନଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ସେ ସେହିଦିନ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଉକ୍ତ ତିନି ଜଣଙ୍କୁ ଖୋଜୁଥିଲା ବେଳେ ସେମାନେ ଫେରାର ଥିଲେ। ତେବେ ସେମାନେ ବୁଧବାର ବାଲିଚନ୍ଦ୍ରପୁର ବଜାରକୁ ଆସି କିଛି ଜିନିଷ କିଣାକିଣି କରୁଥିବା ସମୟରେ ପୋଲିସ ଖବର ପାଇ ଚଢାଉ କରିଥିଲା। ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ଏ ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇ କହିଛନ୍ତି, ଯେ ଏମାନେ କେବଳ ଏହିଠାରେ ନୁହେଁ କେନ୍ଦ୍ରାପଡ଼ା ଜିଲାରେ ମଧ୍ୟ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଅଛନ୍ତି। ଏଥିସହିତ ଗତ ଜୁନ୍ ୫ରେ ନଳୀପୁରର ସରପଞ୍ଚ ଓ ପୂର୍ବତନ ସମିତିସଭ୍ୟଙ୍କୁ ଅପରହରଣ କରାଯାଇଥିଲା। ଅପହରଣ କରିଥିବା ନଳୀପୁର ଗ୍ରାମର ସେକ୍ ମେହେମୁଦ୍‌ଙ୍କ ସହିତ ଏମାନଙ୍କର ସମ୍ପର୍କ ରହିଛି। ଏବେ ସେକ୍ ମେହେମୁଦ୍ ଜେଲରେ ଅଛନ୍ତି। ତେଣୁ ଖୁବ୍‌ଶୀଘ୍ର ଏମାନଙ୍କୁ ରିମାଣ୍ଡରେ ଅଣାଯାଇ ସମସ୍ତ ଆପରାଧିକ ଭିତ୍ତିଭୂମି ସମ୍ପର୍କରେ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ନଂ. ୩୭୫/୨୦ରେ ମାମଲା ରୁଜୁ ହୋଇଛି।

# ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଦାବି

**ଯାଜପୁର ଟାଉନ,୨୧।୭(ଡି.ଏନ.ଏ.)**

କେନ୍ଦ୍ର ସରକାର, ଚୁଡ଼ା, ମୁଢ଼ି, ଖଇ, ମୁଆଁ, ଚାଉଳ, ଗହମ, ଦୁଗ୍ଧ, ଦହି, ଛେନା, ଚିନି, ଗୁଡ଼ ଆଦି ସାମଗ୍ରୀ ଉପରେ ୫% ଜିଏସ୍‌ଟି ଲାଗୁକରି ଗରିବ ଲୋକଙ୍କ ମୁହଁରୁ ଆହାର ଛଡ଼ାଇ ନେଉଛନ୍ତି। ଏହାବ୍ୟତୀତ ପିଲା ବ୍ୟବହାର କରୁଥିବା ପେନ୍‌ସିଲ୍, କଟର, ଡ୍ରଇଂସିଟ୍ ଓ କମ୍ପ୍ୟୁଟର ପ୍ରଭୃତି ଉପରେ ୧୮% ଜିଏସ୍‌ଟି ଲାଗୁ କରି ସେମାନଙ୍କ ପାଠରେ ଡୋରି ବାନ୍ଧୁଛନ୍ତି। ତେଣୁ ଅତ୍ୟାବଶ୍ୟକ ଜିନିଷ ଉପରୁ ଜିଏସଟି ପ୍ରତ୍ୟାହାର ଦାବିକରି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଏମ୍‌ଏସ୍‌ର ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ଜିଲା ସଂଗଠନ ପକ୍ଷରୁ ଶାନ୍ତିଲତା ପଣ୍ଡାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସୁଲୋଚନା ପ୍ରଧାନ, ମମତା ସେଠୀ, ପ୍ରଭାତି ମଲ୍ଲିକ ଓ ଶର୍ମିଷ୍ଠା ସେଠୀ ଅଂଶ ଗ୍ରହଣ କରି ସରକାର ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଏମ୍‌ଏସ୍‌ର ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଦୋକାନ ଗୃହ ଅନିୟମିତତାର ତଦନ୍ତ ହେଉନି

**ବାଲିଚନ୍ଦ୍ରପୁର,୨୧।୭(ସ୍ୱ.ପ୍ର.)**

- ଗୃହ ଦେବାକୁ ଆଦାୟ ହୋଇଛି ଅଢ଼େଇ ଲକ୍ଷ ଲେଖାଏ
- ବିସ୍ଥାପିତଙ୍କୁ ଅଣଦେଖା, ବଢୁଛି ଜନ ଅସନ୍ତୋଷ

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ବଜାରରେ ନିର୍ମାଣାଧୀନ ଦୋକାନ ଗୃହରେ ବ୍ୟାପକ ଅନିୟମିତତା ହୋଇଛି। ଗୋଟିଏ ଗୃହ ପ୍ରଦାନ ପାଇଁ ବେଆଇନ ଭାବେ ପ୍ରଭାବଶାଳୀ ଲୋକଙ୍କଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଛି। ଏଥିସହିତ ସେମାନଙ୍କ ଇଚ୍ଛା ଅନୁସାରେ କାର୍ଯ୍ୟ କରାଯାଉଛି। ମାତ୍ର ଏଠାରେ ବିସ୍ଥାପିତମାନଙ୍କୁ ଅଣଦେଖା କରାଯାଇଛି। ସେମାନଙ୍କୁ ଥଇଥାନ କରିବାକୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ତେଣୁ ଏହି ଘଟଣାର ତଦନ୍ତ ଦାବି କରି ଯାଜପୁର ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଭିଜିଲାନ୍ସ ନିର୍ଦ୍ଦେଶକ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ବିସ୍ଥାପିତ ବ୍ୟବସାୟୀ ଏବଂ ବାଲିଚନ୍ଦ୍ରପୁର ପଞ୍ଚାୟତବାସୀ ଅନେକ ଥର ଚିଠି ଲେଖିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଘଟଣାର ତଦନ୍ତ ହେଉନାହିଁ। ଫଳରେ ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ନିର୍ମାଣାଧୀନ ଦୋକାନ ଗୃହ।

ଆଗାମୀ ଦିନରେ ଯଦି ଏହାର ତଦନ୍ତ ନ ହୁଏ ତେବେ ସେମାନେ ଆନ୍ଦୋନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନେ ଅଧିକାରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାଲିଚନ୍ଦ୍ରପୁର ବଜାରଟି ଅବିଭକ୍ତ କଟକ ଜିଲାର ଏକ ପ୍ରମୁଖ ବ୍ୟବସାୟ ସ୍ଥଳ। ଏହାଉପରେ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ହଜାରହଜାର ଲୋକ ନିର୍ଭର କରିଥାନ୍ତି। ମାତ୍ର ରାସ୍ତା ସମ୍ପ୍ରସାରଣ ଓ ପଟ୍ଟାମୁଣ୍ଡାଇ କେନାଲ ପୁନରୁଦ୍ଧାର ନିମନ୍ତେ ୨୦୧୬ରେ ଉକ୍ତ ବଜାରର ଶତାଧିକ ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜୀବିକା ହରାଇଥିବା ବ୍ୟବସାୟୀ, ପଞ୍ଚାୟତ ପ୍ରତିନିଧି, ବଣିକସଂଘ ଓ ସ୍ଥାନୀୟ ମୁରବିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କିପରି ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ସେ ନେଇ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏଥିରେ କୁହାଯାଇଥିଲା, କେନାଲ ସମ୍ପ୍ରସାରଣ ପରେ ଜଳସମ୍ପଦ ବିଭାଗର ବଳକା ଜାଗାରେ ଦୋକାନ ଗୃହ ନିର୍ମାଣ କରାଯିବ। ସେଠାରେ ପ୍ରଥମେ ବିସ୍ଥାପିତମାନଙ୍କୁ ଥଇଥାନ କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ଘର ପ୍ରଦାନର ବ୍ୟବସ୍ଥା କରାଯିବ। ବୈଠକର ନିଷ୍ପତ୍ତି ଅନୁସାରେ ବଳକା ଜମିରେ ପଞ୍ଚାୟତ ପକ୍ଷରୁ ଦୋକାନ ଗୃହ ନିର୍ମାଣ କରାଗଲା। ଏହାପରେ ବିସ୍ଥାପିତମାନଙ୍କୁ ଦୋକାନ ଗୃହ ପାଇଁ ଆବେଦନ କରିବାକୁ କୁହାଗଲା। ଫଳରେ ସମସ୍ତ ବିସ୍ଥାପିତ ଓ ଅନ୍ୟମାନେ ଗୃହ ପାଇଁ ଆବେଦନ କରିଥିଲେ। ମାତ୍ର ପଞ୍ଚାୟତ ପକ୍ଷରୁ ପୂର୍ବ ପ୍ରତିଶ୍ରୁତି ଓ ବିସ୍ଥାପିତଙ୍କ କଥାକୁ ବିଚାରକୁ ନିଆ ନ ଯାଇ ଉପରୋକ୍ତ ଚଞ୍ଚକତା କରାଯାଇଛି। ଫଳରେ ବାଦ ପଡ଼ିଥିବା ବ୍ୟବସାୟୀଙ୍କ ମଧ୍ୟରୁ କେତେଜଣ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନିର୍ମାଣାଧୀନ ଦୋକାନ ଘର ଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହି ନଷ୍ଟ ହେବାକୁ ବସିଲାଣି। ତେଣୁ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ସହ ୮ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ଗିରଫ

**ନୟାଗଡ଼ ଅଫିସ,୨୧।୭:** ନୟାଗଡ଼ ଟାଉନ ଥାନା ପୋଲିସ ଶଗଡିଆ ସାହିଠାରୁ ବାଇକ ସହ ୮ଗ୍ରାମ ୧୩୦ ମିଲିଗ୍ରାମ ବ୍ରାଉନସୁଗାର ଓ ୭ ହଜାର ୫୩୦ ଟଙ୍କା ଜବତ କରିଛି । ଏହି ଘଟଣାରେ ନୟାଗଡ଼ ପୁରୁଣା ସହରର ଆଶୁତୋଷ ଦାଶ ଓ ଅଭିଜିତ ମିଶ୍ରଙ୍କୁ ଗିରଫ କରିଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧୧୧/୨୨) ମାମଲା ରୁଜୁ କରି ତଦନ୍ତ କରୁଛି । ଟାଉନ ଥାନାର ଡି. ସିଆଳ ଓ ହାବିଲଦାର ୟୁ.ନାୟକ ଗୁରୁବାର ପୂର୍ବାହ୍ନରେ ପାଟ୍ରୋଲିଂ କରିଥିବାବେଳେ ଉଭୟଙ୍କୁ କାବୁ କରିଥିଲେ । ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ।

### ଚକ୍ଷୁ ଚିକିତ୍ସା ଶିବିର

**ଭାପୁର,୨୧।୭(ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଅଧୀନ ନୀଳକଣ୍ଠପ୍ରସାଦ ଗ୍ରାମରେ ମା' ନାରାୟଣୀ ଯୁବକ ସଂଘ ସହଯୋଗରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ରଶ୍ମି ହସ୍ପିଟାଲ ଓ ଚକ୍ଷୁ କେୟାର ମିଳିତ ସହଯୋଗରେ ଗୋଳାପୋଖରୀ ପଞ୍ଚାୟତର ୯୦ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସକାଳେ ୫୬ ଜଣଙ୍କ ମଧ୍ୟରୁ ୭ ଜଣ ଓ ଅପରାହ୍ନ ସମୟରେ କରଡାପଲ୍ଲୀ ଗ୍ରାମରୁ ୩୪ ଜଣଙ୍କ ମଧ୍ୟରୁ ଜଣେ ରୋଗୀଙ୍କ ମୋତିଆ ବିନ୍ଦୁ ଅପରେଶନ ଲାଗି ମନୋନୀତ ହୋଇଛନ୍ତି ।

### କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ
#### ପରିବାରକୁ ମୃତଦେହ ହସ୍ତାନ୍ତର

**ଧରାକୋଟ, ୨୧।୭(ଡି.ଏନ୍.ଏ):** ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଜାହାଡା ଗ୍ରାମର ବାପୁଜୀ ପୋଲାଇ କେରଳରେ ଶ୍ରମିକ ଭାବରେ କାମ କରୁଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡ଼ିବା ପରେ ୨୯ ନମ୍ବର୍ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ 'ଓଡ଼ିଶା ମୋ ପରିବାର' ତରଫରୁ ବାପୁଜୀଙ୍କ ଶବକୁ ନିଜ ଗାଁ ଜାହାଡ଼ାକୁ ଅଣାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ଜିଲ୍ଲା ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସୁବାସ ମହାରଣା, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଡିଓ ସୁଶିଲ କୁମାର ପଟ୍ଟନାୟକ, ଧରାକୋଟ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଜିଲ୍ଲା ବିଜେଡ଼ି ସମ୍ପାଦକ ଯୋଗେନ୍ଦ୍ର ସ୍ୱାଇଁ, ଜାହାଡ଼ା ସରପଞ୍ଚ ସତ୍ୟବାଦୀ ସ୍ୱାଇଁ, ସମାଜସେବୀ ଭଗବାନ ପରିଡ଼ା ପ୍ରମୁଖ ଅନ୍ତିମ ଦର୍ଶନ କରିଛନ୍ତି ।

# ବିପଦସଙ୍କୁଳ କେନ୍ଦ୍ରରେ ଅଙ୍ଗନୱାଡି ଶିଶୁ



ରାସ୍ତାପାର୍ଶ୍ୱରେ ଥିବା ଏକ ଅବହେଳିତ ଅଙ୍ଗନୱାଡି କେନ୍ଦ୍ର ।

- ୭ ଶିଶୁଙ୍କ ମୃତ୍ୟୁ ପରେ ବି ଚେତିଲାନି ପ୍ରଶାସନ
- ୧୦ ବର୍ଷ ପରେ ବି ବଦଳୁ ନାହିଁ କେନ୍ଦ୍ରର ରୂପରେଖ
- ୧୫୪୩ରୁ ୮୧୦ ଅଙ୍ଗନୱାଡି କେନ୍ଦ୍ରର କାମ ଶେଷ

**ନୟାଗଡ଼ ଅଫିସ,୨୧।୭**

ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଛନ୍ତି କୁନି କୁନି ପିଲା। ହେଲେ ଏଥିପ୍ରତି ପ୍ରଶାସନର ନଜର ନାହିଁ। ଏଭଳି ଅଭିଯୋଗ ନୟାଗଡ଼ ଜିଲାରେ ଗତ ୨୦ ବର୍ଷ ହେଲା ହୋଇ ଆସୁଛି । ତଥାପି ଧିମେଇ ଚାଲିଛି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ । ଏପରି କି ଜିଲାର ରଣପୁର ବ୍ଲକ ସୁଆଁସିଆସାହିରେ ଏକ ସ୍କୁଲ ଗୃହ ହଠାତ୍ ଭୁଶୁଡ଼ି ପଡ଼ିବା ଯୋଗୁ ୭ ଅଙ୍ଗନୱାଡି ଶିଶୁଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ପ୍ରାୟ ୧୦ ବର୍ଷ ବିତି ଥିଲେ ମଧ୍ୟ ଜିଲାର ଅଙ୍ଗନୱାଡି କେନ୍ଦ୍ରର ରୂପରେଖ ବଦଳି ପାରିନି । ଜିଲାରେ ୧୫୮୪ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ଆଜି ସୁଦ୍ଧା ୮୧୦ କେନ୍ଦ୍ରର ନିର୍ମାଣ ସରିଛି ବୋଲି ଜିଲା ସମାଜ ମଙ୍ଗଳ ବିଭାଗର ରେକର୍ଡ କହୁଛି । ଅନ୍ୟପକ୍ଷେ ଅଙ୍ଗନୱାଡି ଗୃହ କାମ ଶେଷ ପରେ ଅଧିକାଂଶ କେନ୍ଦ୍ର ଫାଙ୍କା ପଡ଼ିଛି । ନୂତନ ଗୃହକୁ ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତରିତ ହୋଇ ପାରୁନି । ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ କାହିଁକି ବିଳମ୍ବ ହେଉଛି, ଗୃହ ନିର୍ମାଣ ପରେ ବି କାହିଁକି ତାହା କାର୍ଯ୍ୟକ୍ଷମ ହେଉନି ସେ ନେଇ ଜିଲା ପ୍ରଶାସନ ସମୀକ୍ଷା ସନ୍ତୋଷ ଜନକ ନ ଥିବା ସ୍ପଷ୍ଟ ହେଉଛି ।

ସୂଚନା ଅନୁଯାୟୀ, ଜିଲାର ଭାପୁର ବ୍ଲକରେ ୧୫୩, ଦଶପଲ୍ଲା ବ୍ଲକରେ ୨୨୩, ଗଣିଆ ବ୍ଲକରେ ୮୨, ଖଣ୍ଡପଡ଼ା ବ୍ଲକରେ ୧୬୯, ନୟାଗଡ଼ ବ୍ଲକରେ ୨୩୦, ନୂଆଗାଁ ବ୍ଲକରେ ୧୬୮, ଓଡ଼ଗାଁ ବ୍ଲକରେ ୨୩୦, ରଣପୁର ବ୍ଲକରେ ୩୨୩ ଅଙ୍ଗନୱାଡି କେନ୍ଦ୍ରକୁ ମିଶାଇ ମୋଟ୍ ୧୫୮୪ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିରୁ ଭାପୁର ବ୍ଲକରେ ୧୪୯, ଦଶପଲ୍ଲା ବ୍ଲକରେ ୨୧୬, ଗଣିଆ ବ୍ଲକରେ ୭୮, ଖଣ୍ଡପଡ଼ ବ୍ଲକରେ ୧୬୩, ନୟାଗଡ଼ ବ୍ଲକରେ ୨୨୭, ନୂଆଗାଁ ବ୍ଲକରେ ୧୬୪, ଓଡ଼ଗାଁ ବ୍ଲକରେ ୨୨୬, ରଣପୁର ବ୍ଲକରେ ୩୨୦ ଅଙ୍ଗନୱାଡି କେନ୍ଦ୍ର କୁ ମିଶାଇ ମୋଟ ୧୫୪୩ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ଭାପୁର ବ୍ଲକରେ ୧୦୫, ଦଶପଲ୍ଲା ବ୍ଲକରେ ୯୮, ଗଣିଆ ବ୍ଲକରେ ୪୧, ଖଣ୍ଡପଡ଼ା ବ୍ଲକରେ ୮୬, ନୟାଗଡ଼ ବ୍ଲକରେ ୧୩୫, ନୂଆଗାଁ ବ୍ଲକରେ ୯୫, ଓଡ଼ଗାଁ ବ୍ଲକରେ ୧୦୮, ରଣପୁର ବ୍ଲକରେ ୧୪୨ ଅଙ୍ଗନୱାଡି କେନ୍ଦ୍ର ଅର୍ଥାତ୍ ୮୧୦ ଅଙ୍ଗନୱାଡି କେନ୍ଦ୍ରର ଗୃହ କାର୍ଯ୍ୟ ସମାପ୍ତ ହୋଇଥିବା ସରକାରୀ ରେକର୍ଡ କହୁଛି । ଅନ୍ୟପକ୍ଷେ ଭାପୁର ବ୍ଲକରେ ୨୮, ଦଶପଲ୍ଲା ବ୍ଲକରେ ୭୦, ଗଣିଆ ବ୍ଲକରେ ୧୭, ଖଣ୍ଡପଡ଼ା ବ୍ଲକରେ ୩୩, ନୟାଗଡ଼ ବ୍ଲକରେ ୪୩, ନୂଆଗାଁ ବ୍ଲକରେ ୨୧, ଓଡ଼ଗାଁ ବ୍ଲକରେ ୮୨, ରଣପୁର ବ୍ଲକରେ ୯୯ ଅଙ୍ଗନୱାଡି କେନ୍ଦ୍ରକୁ ମିଶାଇ ମୋଟ୍ ୩୯୩ ଅଙ୍ଗନୱାଡି କେନ୍ଦ୍ରର ଗୃହ କାହିଁକି ଆରମ୍ଭ ହେଉନି ତାହା ଜଣାପଡୁନି । ତେବେ ଜିଲାର ୩୪୦ ଅଙ୍ଗନୱାଡି ଗୃହ କାମ ଚାଲୁଛି ।

### ଶିଶୁଙ୍କ ସୁରକ୍ଷା ଚିନ୍ତା

ଦଶପଲ୍ଲା ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା ଶିଶୁଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନୟାଗଡ଼ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଦଶପଲ୍ଲାର କୁଞ୍ଜ ବିହାରୀ ପାତ୍ର ନାମକ ଜଣେ ବ୍ୟକ୍ତି ଏପରି ଅଭିଯୋଗ କରି ରଣପୁର ସୁଆଁସିଆସାହି ୭ ଶିଶୁ ମୃତ୍ୟୁ ଘଟଣାକୁ ଉଦାହରଣ ଦେଇଛନ୍ତି । ୨୦୧୨ ଜୁଲାଇ ୯ରେ ସ୍କୁଲ ଗୃହ ଭୁଶୁଡି ୭ ଶିଶୁଙ୍କ ମୃତ୍ୟୁ ହୋଇଥିଲେବି ଏଯାବତ ଶିଶୁମାନେ ସୁରକ୍ଷିତ ନୁହନ୍ତି । ଦଶପଲ୍ଲାରେ ଥିବା ୨୨୩ ଅଙ୍ଗନୱାଡି କେନ୍ଦ୍ରରୁ ୯୮ର କାମ ଶେଷ ହୋଇଛି । ଏଥିରୁ ୧୪ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ । ଗୃହ ନିର୍ମାଣ କରୁଥିବା ଠିକାଦାର ନିଜ କବ୍‌ଜାରେ ଉକ୍ତ କେନ୍ଦ୍ରଗୁଡ଼ିକୁ ରଖିଛନ୍ତି। ଅବଶିଷ୍ଟ ୧୨୫ କେନ୍ଦ୍ରର ଆଦୌ ଘର ନାହିଁ । ଏଥିରୁ ୪୮ କେନ୍ଦ୍ରର ଗୃହ ଅଧାପନ୍ତରିଆ ହୋଇ ପଡି ରହିଛି। ଏଣୁ ଶିଶୁମାନେ କେଉଁଠି ବାରଣ୍ଡାରେ ତ ଆଉ କେଉଁଠି ରାସ୍ତା ପାର୍ଶ୍ୱ ଓ ଗଛ ମୂଳେ ପାଠ ପଢୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଦଶପଲ୍ଲାର ତେଣ୍ଡାବାଡି ନୂଆସାହି ଅଙ୍ଗନୱାଡି କେନ୍ଦ୍ର ଗାଁ ଦାଣ୍ଡରେ ଚାଲିଛି । ସେହିପରି ଅନ୍ଧାରକୋଟ ଟାଙ୍ଗିଆପଲ୍ଲି ମିନି ଅଙ୍ଗନୱାଡି କେନ୍ଦ୍ର ଘର ବାରଣ୍ଡାରେ ଚାଲିଛି । ନାନା ଅବ୍ୟବସ୍ଥାରେ ଚାଲିଥିବା କେନ୍ଦ୍ରର ସମସ୍ୟା ଦୂର କରିବାକୁ ପାତ୍ର ଦାବି କରିଛନ୍ତି । ଏନେଇ ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ର ଅଧକ୍ଷ ରାମେଶ୍ୱର ଶତପଥୀ କୁହନ୍ତି, ଅଙ୍ଗନୱାଡି କେନ୍ଦ୍ର ସମସ୍ୟା ସମ୍ପର୍କରେ ଅନୁଧାନ ଆରମ୍ଭ ହୋଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି ।

### ରେଳ ଧାରଣାରୁ ଗଳିତ ମୃତଦେହ ଜବତ

**ନୂଆଗାଁ,୨୧।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ପଞ୍ଚୁପାଣ୍ଡବ ନିକଟସ୍ଥ ରେଳ ଧାରଣାରୁ ଗୁରୁବାର ନୂଆଗାଁ ଥାନା ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୂଆଗାଁ ପଞ୍ଚୁପାଣ୍ଡବ ଜଙ୍ଗଲକୁ ଲାଗିଥିବା ରେଳ ପୋଲ ନିକଟ ରେଳ ଧାରଣାରେ ଏହି ମୃତଦେହ ପଡିଥିଲା। ଖବର ପାଇ ନୂଆଗାଁ ଥାନା ପୋଲିସ ଜିଆର୍‌ପିକୁ ସୂଚନା ଦେଇଥିଲା । ତେବେ ଘଟଣାସ୍ଥଳଟି ଜିଆରପିକୁ ହସ୍ତାନ୍ତର ହୋଇ ନ ଥିବାରୁ ନୂଆଗାଁ ପୋଲିସ ମୃତଦେହ ଜବତ କରି ଜିଆରପିକୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ଚିହ୍ନଟ ପାଇଁ ରଖାଯିବ ବୋଲି ପୋଲିସ କହିଛି ।

### ୧୦ଦିନ ପରେ ନାବାଳିକା ଉଦ୍ଧାର

**ଗଣିଆ,୨୧।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରୁ ଘରୁ ଲୁଚି ଚାଲି ଯାଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଗତ ବୁଧବାର ଉଦ୍ଧାର କରିଛି । ନାବାଳିକା ଜଣଙ୍କ ନିଜ ଘରକୁ ଯିବା ପାଇଁ ମନା କରିବାରୁ ପୋଲିସ ତାଙ୍କୁ ନୟାଗଡ ତପସ୍ୟା ଗୃହକୁ ପଠାଇ ଦେଇଛି । ଗତ ୧୧ତାରିଖରୁ ନାବାଳିକା ଜଣଙ୍କ ଘରୁ ଲୁଚି କେଉଁଆଡେ ଚାଲିଯାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ତାଙ୍କୁ କଟକରୁ ଉଦ୍ଧାର କରିଥିଲା।



ନୟାଗଡ଼ ଜିଲା ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ ୩ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଗୁରୁବାର ଶିଳାନ୍ୟାସ କରୁଛନ୍ତି ।

## ଅସନ୍ତୁଷ୍ଟ ବିଜେଡି କର୍ମୀଙ୍କ ବନ୍ଧୁ ମିଳନ

**ନୂଆଗାଁ, ୨୧।୭ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅଧୀନ ନୂଆଗାଁ ବ୍ଲକ ବିଜେଡି ଅସନ୍ତୁଷ୍ଟ କର୍ମୀମାନଙ୍କୁ ନେଇ ଗଠିତ 'ଆମ ସ୍ୱାଭିମାନ, ଆମ ଦଶପଲ୍ଲା' ତରଫରୁ ମହିପୁରସ୍ଥିତ ତାରିଣୀ କଲ୍ୟାଣ ମଣ୍ଡପରେ ବୁଧବାର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକରେ ଥିବା ଶାସକ ଦଳର ବହୁ ପୁରୁଖା କର୍ମୀ ଦଳୀୟ ସମର୍ଥନ ପାଇ ନିର୍ବାଚନରେ ଲଢିବା ପାଇଁ ଆଶାବାଦୀ ଥିଲେ । ହେଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନୂଆ ମୁହଁକୁ ସମର୍ଥନ କରିବାରେ ବହୁ ପୁରୁଖା କର୍ମୀ ନିର୍ବାଚନ ଲଢିବାରୁ ବାଦ୍ ପଡିଥିଲେ । ସେମାନଙ୍କ ମନରେ ଅସନ୍ତୋଷର ନିଆଁ ଜୁଳୁଥିଲା । ଏବେ ସେହି ଅସନ୍ତୁଷ୍ଟ କର୍ମୀମାନେ ଏକତ୍ରିତ ହୋଇ 'ଆମ ସ୍ୱାଭିମାନ ଆମ ଦଶପଲ୍ଲା' ସଙ୍ଗଠନ ଗଠନ କରିଛନ୍ତି । ଏହି ସଙ୍ଗଠନ ଦାୟିତ୍ୱ ନୟାଗଡ଼ ଜିଲା ବିଜେଡି ଉପସଭାପତି ପ୍ରଦୋଷ କୁମାର ଜେନା ଓ ସାମାଜିକ କର୍ମୀ ଶ୍ରୀହରି ନାୟକ ନେଇଛନ୍ତି । ଏହି କସୁଯୋଗରେ ଅସନ୍ତୁଷ୍ଟ କର୍ମୀମାନଙ୍କୁ ନେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଚାଲିଛି ।

ମହିପୁରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୩ ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନାୟକ ଯୋଗ ଦେଇ ନେତା ନୁହେଁ ମୁଁ ଜନତାଙ୍କୁ ଗୁରୁତ୍ୱ ଦେଉଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ କୁମାର ସ୍ୱାଇଁ, ମାଇଛେଳି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଫୁଲ୍ଲ କୁମାର ପାତ୍ର, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡା, ନୟାଗଡ଼ ଜିଲା ବିଜେଡି ଉପସଭାପତି ଜେନା, ସନନ୍ଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରି ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ ବିଜୁ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ପେଟେଇଚଣ୍ଡୀଠାରେ ଆୟୋଜନ କରାଯାଇଥିଲା । ଏଥିରେ ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା , ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହାତ ଗଣତି କେତେଜଣ ଲୋକ ଉପସ୍ଥିତ ଥିଲେ ।




ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ୩ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡ଼ା,୨୧।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ବ୍ଲକ କାର୍ଯ୍ୟାଳୟ, ପୋଲିସ ଷ୍ଟେଶନ ଓ ତହସିଲ କାର୍ଯ୍ୟାଳୟ ନିକଟରେ ୩ଟି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ ନିମନ୍ତେ ଏନଏସି ଅଧକ୍ଷା ଆରତୀ ପ୍ରଧାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଏହି ୩ ପାନୀୟ ଜଳ ପ୍ରକଳ୍ପରୁ ନର୍ମାଲ ଓ ଥଣ୍ଡା ପାଣି ଏକ ସଙ୍ଗରେ ଉପଲବ୍ଧ ହେବ । ଶିଳାନ୍ୟାସ ଉତ୍ସବରେ ଖଣ୍ଡପଡା ତହସିଲଦାର ପାର୍ଥ ସାରଥୀ ହାଁସଦ, ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରା, ଖଣ୍ଡପଡା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଳପଙ୍ଗୀ ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ନେଇ ବିବାଦ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ରାଣୀଛେଲ୍ଲୀ ପଞ୍ଚାୟତ କଳପଙ୍ଗୀ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହାପରେ ୮ ଜଣ ପ୍ରାର୍ଥୀନୀ ଆବେଦନପତ୍ର ଦାଖଲ କରିଥିଲେ । ଆବେଦନକାରୀଙ୍କ ମଧ୍ୟରୁ ଜଣେ ମହିଳା ସ୍ଥାୟୀ ଭାବେ ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା ଗ୍ରାମରେ ତାଙ୍କ ସ୍ୱାମୀଙ୍କ ସହ ରହୁଛନ୍ତି । ସେ କିଭଳି ଖଣ୍ଡପଡ଼ା ବ୍ଲକ ଅଧିନ କଳପଙ୍ଗୀ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପଦବୀ ନିମନ୍ତେ ଆବେଦନପତ୍ର ଦାଖଲ କଲେ ଅନ୍ୟତମ ଆବେଦନକାରୀ ସବିତା ଜେନା ପ୍ରଶ୍ନ କରିବା ସହ ଏହାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ସମ୍ପର୍କରେ ଲିଖିତ ଭାବେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସମ୍ପୃକ୍ତ ଆବେଦନକାରୀ ଖଣ୍ଡପଡା ତହସିଲରୁ ଏକ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଯୋଗାଡ କରି ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନ କରିଥିବା ସବିତା ଅଭିଯୋଗ କରିଛନ୍ତି । ଖଣ୍ଡପଡ଼ ସିଡିପିଓ ସତ୍ୟଭାମା ଦେବୀଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବାରୁ ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

## ଏକ ସମୁଦ୍ର ପକ୍ଷୀର କାହାଣୀ ପୁସ୍ତକ ଉନ୍ମୋଚିତ



ରାଜ୍ୟପାଳ ଗଣେଶୀ ଲାଲ ଏକ ସମୁଦ୍ର ପକ୍ଷୀର କାହାଣୀ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର ରାଜଭବନ ପରିସରରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ.ପବିତ୍ର କୁମାର ସୁବୁଦ୍ଧିଙ୍କ ଦ୍ୱାରା ଅନୁଦିତ ଉପନ୍ୟାସ 'ଏକ ସମୁଦ୍ର ପକ୍ଷୀର କାହାଣୀ'କୁ ଉନ୍ମୋଚନ କରିଛନ୍ତି। ଇଂରାଜୀ ସାହିତ୍ୟର ବହୁ ଚର୍ଚ୍ଚିତ ଉପନ୍ୟାସ 'ଜନାଥନ ଲିଭିଙ୍ଗ ଷ୍ଟୋନ ସି'ଗଲ'ର ଏହା ହେଉଛି ଓଡିଆ ଅନୁବାଦ ।

ଏହି ପୁସ୍ତକକୁ ପ୍ରକାଶନୀ ସଂସ୍ଥା 'ପକ୍ଷୀଘର' ପ୍ରକାଶିତ କରିଛି । ରାଜଭବନରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଅଧାପକ ଡ.ଭାରତ ଭୂଷଣ ରଥ ଓ ସାମାଜିକ କର୍ମୀ ଅଭିଲାଷ ପଣ୍ଡା ଯୋଗ ଦେଇଥିଲେ ।

## କାର୍ଯ୍ୟାନୁଷ୍ଠାନ ଲକ୍ଷ୍ୟରେ ପୌର ପ୍ରଶାସନ

- ଦୋକାନ ସମ୍ମୁଖରେ ରହୁନି ଡଷ୍ଟବିନ୍
- ରାସ୍ତାରେ ପଡୁଛି ଅଳିଆ ଆବର୍ଜନା
- ଜରିମାନା ଆଦାୟ ପରେ ବି ଆସୁନି ପରିବର୍ତ୍ତନ
- ଶେଷ ଥର ପାଇଁ ସଚେତନତା, ତାଗିଦ୍

**ନୟାଗଡ଼ ଅଫିସ,୨୧।୭**

ନୟାଗଡ଼ ସହରର ସ୍ୱଚ୍ଛତ୍ୱ ନ ଥିବାରୁ ସହରର ସୌନ୍ଦର୍ଯ୍ୟ ବାଟବଣା ହୋଇଛି । ଏଭଳି ସ୍ଥଳେ ସହରକୁ ସରସ ଓ ସୁନ୍ଦର କରିବାକୁ ପୌର ପରିଷଦ ଓ ନିର୍ବାହୀ ଅଧିକାରୀ ବାରମ୍ବାର ଚେଷ୍ଟା କରି ସଫଳ ହେଉ ନାହାନ୍ତି । ରାସ୍ତାର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପକାଇ ଅଧିକାଂଶ ବ୍ୟବସାୟୀ ସହରକୁ ପ୍ରଦୂଷିତ କରୁଛନ୍ତି । ପୁଣି ଦୋକାନ ସମ୍ମୁଖରେ ଡଷ୍ଟବିନ ରଖୁ ନାହାନ୍ତି । ବିଭିନ୍ନ ସମୟରେ ଜରିମାନା ଆଦାୟ କରିବାକୁ ପୌର କର୍ତ୍ତୃପକ୍ଷ ଚେତାବନୀ ଦେଉଥିଲେ ମଧ୍ୟ ସୁଫଳ ମିଳୁନି । ହେଲେ ଗୁରୁବାର ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର, ୧୫ କାଉନସିଲର ପ୍ରମୁଖ ସହରର ବିଭିନ୍ନ ଗଳିକନ୍ଦି ବୁଲିଥିଲେ । ବ୍ୟବସାୟୀମାନଙ୍କ ସହ କଥା ହୋଇଥିଲେ । ଏପରି କି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ଲିଫ୍‌ଲେଟ ବାଣ୍ଟିଥିଲେ । ଏପରି ସଚେତନ ପରେ ବି ଯଦି ବ୍ୟତିକ୍ରମ ସୃଷ୍ଟି ହୁଏ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

ନୟାଗଡ଼ ସହରକୁ ସଫା ସୁତରା ରଖିବାକୁ ପୌରସଂସ୍ଥା ପକ୍ଷରୁ ପ୍ରୟାସ ଜାରି ରହିଛି। ବ୍ୟବସାୟୀମାନେ ସେମାନଙ୍କ ଅଳିଆ ଆବର୍ଜନାକୁ ରାସ୍ତାରେ ନ ପକାଇ ଡଷ୍ଟବିନ୍‌ରେ ରଖିବାକୁ ମ୍ୟୁନିସିପାଲିଟି ପକ୍ଷରୁ ପରାମର୍ଶ ଦିଆଯାଇଛି । ସବୁଜ ଡଷ୍ଟବିନ୍‌ରେ ନଷ୍ଟ ହେଉଥିବା ଉପକରଣ ଓ ନୀଳ ରଙ୍ଗର ଡଷ୍ଟବିନ୍‌ରେ କାଠ, ପ୍ଲାଷ୍ଟିକ, କାଚ, ଲୁହା ପରି ନଷ୍ଟ ହେଉ ନ ଥିବା ସାମଗ୍ରୀ ପକାଇବାକୁ କୁହାଯାଇଛି । କିନ୍ତୁ ଅଧିକାଂଶ ଦୋକାନୀ ସେମାନଙ୍କ ବର୍ଜ୍ୟବସ୍ତୁକୁ ଡ୍ରେନ ଭିତରେ ଓ ରାସ୍ତା ଉପକରକୁ ଫୋପାଡି ସହରକୁ ପ୍ରଦୂଷିତ କରୁଛନ୍ତି । ବଜାରରୁ ଅଳିଆ ଆବର୍ଜନା ସଫେଇ ଦିନକୁ ୨ଥର ହେଉଛି । ପୁଣି ଅଳିଆ ଆବର୍ଜନା ଦିନକୁ ୨ଥର ମ୍ୟୁନିସିପାଲିଟି ପକ୍ଷରୁ ନିଆଯାଉଛି। ଏହା ସତ୍ତ୍ୱେ ସହର ଅପରିଷ୍କାର ରହୁଛି। ଅନ୍ୟପକ୍ଷେ ସହରକୁ ସ୍ୱଚ୍ଛ ରଖିବା ପାଇଁ କାଉନସିଲ ବୈଠକରେ ୨ଥର ନିଷ୍ପତ୍ତି ହୋଇ ସାରିଲାଣି । ଅମାନିଆ ବ୍ୟବସାୟୀଙ୍କୁ ଜରିମାନା ଓ ଦୋକାନ ସିଲ୍ କରିବାକୁ ପ୍ରସ୍ତାବ ଗୃହୀତ ହୋଇ ସାରିଛି । ତଥାପି କିଛି କରି ହେଉନି । ଗତ ଅକ୍ଟୋବର ୭ରେ ମ୍ୟୁନିସିପାଲିଟିର ଏକ ଟିମ୍ ତତ୍କାଳୀନ ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପରିବା ମାର୍କେଟ, ଖଣ୍ଡପଡ଼ା ରୋଡ ବଜାର ଉପରେ ଚଡ଼ାଉ କରିଥିଲେ। ଏହି ଟିମ୍ ୩୨ ବ୍ୟବସାୟୀଙ୍କଠାରୁ ୫ ଶହ ଟଙ୍କା ଲେଖାଏଁ ୧୬ ହଜାର ଟଙ୍କା ଜୋରିମାନ ଆଦାୟ କରିଥିଲା । ଏହା ପରେ ବି କୌଣସି ପରିବର୍ତ୍ତନ ହେଉନି। ଏନେଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର କୁହନ୍ତି, ପୌର ପରିଷଦ ଗଠନ ହେବାର ୪ମାସ ବିତିଛି। ବ୍ୟବସାୟୀଙ୍କୁ ପ୍ରଥମେ ସଚେତନତା କରାଯାଉଛି । କାଉନସିଲରମାନେ ଗଳି କନ୍ଦି ବୁଲି ଲୋକମାନଙ୍କୁ ସଚେତନ କରୁଛନ୍ତି । ଏହା ପରେ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଜୋରିମାନା ଓ ଦୋକାନକୁ ସିଲ୍ ବି କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।



ନୟାଗଡ଼ ପୌରାଧ୍ୟକ୍ଷ, ନିର୍ବାହୀ ଅଧିକାରୀ ପ୍ରମୁଖ ଦୋକାନୀମାନଙ୍କୁ ସଚେତନ କରୁଛନ୍ତି ।

# ଋଷିକୁଲ୍ୟାରେ ହେବ ଆନିକଟ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜନପ୍ରତିନିଧି

**ଛତ୍ରପୁର,୨୧।୭(ଡି.ଏନ୍.ଏ.)**

ଋଷିକୁଲ୍ୟାରେ ନଦୀ ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିଅଟ ପ୍ରକଳ୍ପ ପାଇଁ ୧୪୯.୭୦ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ଏଥିପାଇଁ ଗୁରୁବାର ଛତ୍ରପୁର ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟଠାରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ ଓ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ ପାଣ୍ଡିଆନ ଓ ଗଞ୍ଜାମ ଜିଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମକୁ ବଉଳଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡା ସଂଯୋଜନା କରିଥିଲା ବେଳେ ଲକ୍ଷ୍ମୀପୁର ସମିତି ସଭ୍ୟ ସଭା ପରିଚାଳନା କରିଥିଲେ। ଋଷିକୁଲ୍ୟା ଆନିକଟ ପ୍ରକଳ୍ପ ଲାଗି ସ୍ଥାନୀୟ ଲୋକଙ୍କ ବହୁ ଦିନର ଦାବି ରହିଥିଲା। ଏହା ମଞ୍ଜୁରୀ ପାଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଋଷିକୁଲ୍ୟା ନଦୀରେ ପୋଟଲାମପୁର ଓ ବରଦା ଗ୍ରାମ ମଧ୍ୟଭାଗ ନିକଟରେ ଆନିକଟ ନିର୍ମାଣ ହେବ। ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବାକୁ ଥିବା ୧୪୯.୭୦ କୋଟି ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ୨.୫୦ କୋଟି ଟଙ୍କାର ଟେଣ୍ଡରକୁ ମଙ୍ଗଳବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ଜିଲାର ଛତ୍ରପୁର, ଗଞ୍ଜାମ ଦୁଇ ବ୍ଲକ ଓ ଏନ୍ଏସି ଏବଂ ବ୍ରହ୍ମପୁର ସହର ସମେତ ୧୬ଟି ଗ୍ରାମର ଲୋକଙ୍କୁ ପାନୀୟ ଜଳ ଯୋଗାଇବ। ଏଥିସହିତ ୧୬୪ ହେକ୍ଟର ଅଞ୍ଚଳରେ ମାଛ ଚାଷ କରାଯାଇପାରିବ ବୋଲି ସୂଚନା ମିଳିଛି।

# ୫ ବର୍ଷରେ ୧୦ ଦନ୍ତାହାତୀ ମୃତ

## ବଂଶ ଲୋପ ଆଶଙ୍କା, ପ୍ରଜନନ ଚିନ୍ତା

### ଗଞ୍ଜାମ ଜିଲା

**ବାବୁଲା ପ୍ରଧାନ**
**ଭଞ୍ଜନଗର, ୨୧।୭ (ଡି.ଏନ୍.ଏ.)**

ବର୍ତ୍ତମାନ ସାରା ରାଜ୍ୟରେ ହାତୀ ମୃତ୍ୟୁ ଚିନ୍ତାଜନକ ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ବିଗତ ୫ ବର୍ଷ ମଧ୍ୟରେ ୧୭ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୧୦ ଦନ୍ତାହାତୀଙ୍କ ବୁଧବାର ସୁଦ୍ଧା ମୃତ୍ୟୁ ହୋଇଛି। ପ୍ରତି ଦୁଇବର୍ଷରେ ରାଜ୍ୟରେ ହାତୀ ଗଣନା ହୋଇଥାଏ। ତେବେ କରୋନା କଟକଣା ସମେତ ଅନ୍ୟାନ୍ୟ କାରଣ ଯୋଗୁ ବିଗତ ୫ବର୍ଷ ମଧ୍ୟରେ ହାତୀଗଣନା କାର୍ଯ୍ୟ ହୋଇନାହିଁ। ୨୦୧୭ ମସିହା ମେ ୯ରୁ ୧୨ ତାରିଖ ମଧ୍ୟରେ ହାତୀ ଗଣନା ହୋଇଥିଲା। ସେ ସମୟରେ ଜିଲାରେ ଥିବା ମୋଟ ୫୩ ମଧ୍ୟରୁ ୧୧ ଦନ୍ତାହାତୀ ଥିଲେ। ସେମାନଙ୍କ ମଧ୍ୟରୁ ଗୁରୁବାର ସୁଦ୍ଧା ୧୦ ଦନ୍ତାଙ୍କ ମୃତ୍ୟୁ ହେଲାଣି। ଯଦିଓ ବିଗତ ୫ବର୍ଷ ଭିତରେ ହାତୀଗଣନା ହୋଇନାହିଁ ତେଣୁ ବର୍ତ୍ତମାନ କେତୋଟି ଦନ୍ତାହାତୀ ଅଛନ୍ତି ଠିକ୍ ଚିହ୍ନଟ କରାଯାଇପାରିନାହିଁ। କିନ୍ତୁ ୨୦୧୭ ହାତୀ ଗଣନା ଅନୁସାରେ ମାତ୍ର ଗୋଟିଏ ଦନ୍ତାହାତୀ ଥିବା ଜଣାପଡ଼ିଛି। ଯଦି ଦନ୍ତାହାତୀ ନ ଥାନ୍ତି ତେବେ ଆଗାମୀ ଦିନରେ ପ୍ରଜନନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ଫଳରେ ଗଞ୍ଜାମ ଜିଲାରେ ହାତୀବଂଶ ଲୋପ ପାଇବା ସମ୍ଭାବନା ରହିଛି। ଘୁମୁସର ଦକ୍ଷିଣ ବନଖଣ୍ଡରେ ବିଗତ ୫ ବର୍ଷରେ ୬ ହାତୀ ମୃତ୍ୟୁବରଣ କରିଥିବା ବେଳେ ସେଥିମଧ୍ୟରୁ ୩ ଦନ୍ତାହାତୀ ଥିବା ଜଣାପଡ଼ିଛି। ବୁଗୁଡ଼ା ରେଞ୍ଜରେ ୨୦୧୭ ଡିସେମ୍ବର ୧୯ରେ ଦୀଘିରେ ଗୋଟିଏ ଏବଂ ୨୦୧୯ ଜାନୁୟାରୀ ୨୨ରେ ଗଡଡିଆବରଦାରେ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାର ଲାଗି ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ୨୦୨୧ ଏପ୍ରିଲ ୨୨ରେ ସୋରଡା ରେଞ୍ଜର ଢଉଗାଁରେ ବିଷକ୍ରିୟାଜନିତ କାରଣ ଯୋଗୁ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଉତ୍ତର ଘୁମୁସର ବନଖଣ୍ଡରେ ବିଗତ ୫ ବର୍ଷ ମଧ୍ୟରେ ୮ ହାତୀ ମରିଥିବା ବେଳେ ସେଥିମଧ୍ୟରୁ ୬ ଦନ୍ତାହାତୀ ଥିବା ଜଣାପଡିଛି। ୨୦୧୮ ଡିସେମ୍ବର ୧୭ରେ ତାରସିଂ ରେଞ୍ଜ ବାରଦଣ୍ଡାରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାର ମୃତ୍ୟୁ ହୋଇଥିଲା। ଏହାପରେ ସେହି ରେଞ୍ଜରେ ୨୦୧୯ ଡିସେମ୍ବର ୫ରେ କଳିଙ୍ଗପଦର ନିକଟରେ ଗୋଟିଏ ଏବଂ ୨୦୨୦ ଫେବୃୟାରୀ ୧୪ରେ ଆମ୍ବଝରି ଜଙ୍ଗଲରେ ଆଉ ଗୋଟିଏ ଦନ୍ତାର ମୃତ୍ୟୁ ହୋଇଥିଲା। ୨୦୨୧ ଜୁନ୍ ୭ରେ କେନ୍ଦ୍ରୀୟ ବନାଞ୍ଚଳ ଢଉପଲ୍ଲୀ ଗ୍ରାମ ନିକଟସ୍ଥ ଏକ କାଜୁ ବଗିଚାରେ ଓହଳି ରହିଥିବା ବିଦ୍ୟୁତ୍ ତାର ଲାଗି ଗୋଟିଏ ଦନ୍ତାର ମୃତ୍ୟୁ ହୋଇଥିଲା ବେଳେ ଗତ ୬ ତାରିଖରେ ମୁଜାଗଡ଼ ରେଞ୍ଜରେ ଆଉ ଗୋଟିଏ ଦନ୍ତାକୁ ଶିକାରୀମାନେ ଗୁଳିକରି ତା'ର ଦାନ୍ତ କାଟିନେଇଥିଲେ। ଏହି ମାମଲାରେ ୩ଜଣଙ୍କୁ ଗିରଫ କରାଯିବା ସହ ଲୁଟ ଦାନ୍ତକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଥମି ନ ଥିବା ବେଳେ ବୁଧବାର ଜଗନ୍ନାଥପ୍ରସାଦ ରେଞ୍ଜର କନ୍ଦନୂଆପଲ୍ଲୀରେ ଆଉ ଏକ ଦନ୍ତାର ମୃତ୍ୟୁ ହୋଇଛି। ବିଦ୍ୟୁତ୍ ତାର ଲାଗି ତା'ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ସେହିଭଳି ବ୍ରହ୍ମପୁର ବନଖଣ୍ଡରେ ବିଗତ ୫ ବର୍ଷ ମଧ୍ୟରେ ୩ ହାତୀ ମୃତ୍ୟୁବରଣ କରିଥିବା ବେଳେ ସେଥିମଧ୍ୟରୁ ଦିଗପହଣ୍ଡି ରେଞ୍ଜ ଭୀଷ୍ମଗିରି ଜଙ୍ଗଲରେ ୨୦୧୮ ଡିସେମ୍ବର ୧୬ରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ବିଦ୍ୟୁତ୍‌ଜନିତ ସମସ୍ୟା ଯୋଗୁ ଅଧିକାଂଶ ହାତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେବେ ହାତୀ ମୃତ୍ୟୁ ରୋକିବା ପାଇଁ ବିଦ୍ୟୁତ୍ ଏବଂ ବନ ବିଭାଗ ମଧ୍ୟରେ ବାରମ୍ବାର ବୈଠକ ହେଉଥିଲେ ମଧ୍ୟ ନିଷ୍ପତ୍ତି ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ମନେହେଉଛି। ଫଳରେ ଦିନକୁ ଦିନ ହାତୀ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବନବିଭାଗ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କେମିତି ହାତୀ ମୃତ୍ୟୁ ରୋକାଯାଇପାରିବ ସେ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।



# ବଡ଼ଖାନା ଆୟୋଜନ କଲେ ଜିଲାପାଳ

**ପାରଳାଖେମୁଣ୍ଡି,୨୧।୭(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ପାରଳାଖେମୁଣ୍ଡି ପୌରପରିଷଦଠାରେ ବଡ଼ଖାନା ଆୟୋଜନ କରି ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷିଛନ୍ତି। ଏଥିସହ ଜିଲାପାଳ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସଫେଇ କର୍ମଚାରୀମାନେ କୌଣସି ଅସୁବିଧାରେ ଥିଲେ ମଧ୍ୟ ସଫାସୁତୁରା କାମରେ କେବେ ହେଳା କରୁ ନ ଥିବାରୁ ପ୍ରଶଂସା କରିଥିଲେ। ଏପରି ନିଜ ନିଜର କର୍ତ୍ତବ୍ୟନିଷ୍ଠା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ବଡଖାନା ବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଦାୟିତ୍ୱରେ ଥିବା ପୌରପରିଷଦର ନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲାପାଳ ଜୁବୁଲୀ ଚରଣ ବେହେରା ପ୍ରମୁଖଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ପୌରପରିଷଦର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲାପାଳ, ପୌରାଧ୍ୟକ୍ଷା, ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ମିଳିମିଶି ଖାଇବା ଏବଂ ବାର୍ତ୍ତାଳାପକୁ ନେଇ ସଫେଇ କର୍ମଚାରୀମାନେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।



ସଫେଇ କର୍ମଚାରୀମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଉଛି।

## ଛାତ୍ରୀଙ୍କୁ ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ସହାୟତା

**ପାତ୍ରପୁର,୨୧।୭(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ରାଙ୍କୁଡ଼ା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବଡମୁଣ୍ଡି ଗତକିଛି ଦିନ ହେବ ଅସୁସ୍ଥ ଅଛନ୍ତି। ବିଭିନ୍ନ ସ୍ଥାନରେ ସେ ଚିକିତ୍ସିତ ହେଉଥିଲେ ମଧ୍ୟ ସୁସ୍ଥ ହୋଇନାହାନ୍ତି। ପାତ୍ରପୁର ଅଞ୍ଚଳର କେତେଜଣ ସ୍ୱେଚ୍ଛାସେବୀ ମଙ୍ଗଳବାର ପ୍ରିୟଙ୍କାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଏହି ଖବର ଜାଣିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଜିଲା ଶିକ୍ଷା ଅଧିକାରୀ ଛାତ୍ରୀଙ୍କ ଉତ୍ତମ ଚିକିତ୍ସା ପାଇଁ ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ପାଢ଼ୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ଚୌଧୁରୀ, ମିଳିତ ଶିକ୍ଷକ ସଂଘ ସଭାପତି ରାଜେଶ ମହାନ୍ତି ଓ ସିଆରସିସି ଶୁଭବ୍ରତ ପାଢ଼ୀ ଡାକ୍ତରଖାନାରେ ପହଞ୍ଚି ପ୍ରିୟଙ୍କା ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଥିଲେ। ଛାତ୍ରୀଙ୍କ ବାପା କୁରା ବଡମୁଣ୍ଡିଙ୍କୁ ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ସହାୟତା ଅର୍ଥ ପ୍ରଦାନ କରାଯାଇଥିଲା।


**POLICE COMMISSIONERATE BHUBANESWAR-CUTTACK**
**ODISHA SPECIAL ARMED POLICE**
**7TH BATTALION, BHUBANESWAR**

ପ୍ରାପ୍ତେଷୁ,

**ଶ୍ରୀ ଦୀପକ କୁମାର ରଞ୍ଜନ**, ସିପାହୀ ନଂ. ୭୬୯
ପିତା: ରବୀନ୍ଦ୍ର ନାଥ ସେଠୀ,
ଗ୍ରାମ: ନନ୍ଦବର, ପୋ.ଅ.: କରାବର
ଥାନା: ଫତେଗଡ଼, ଜିଲ୍ଲା: ନୟାଗଡ଼

No. D-111: ଆପଣ ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱରରୁ ତା୦୨।୦୫।୨୦୨୨ରିଖ ପୂର୍ବାହ୍ନଠାରୁ ତା୧୨।୦୬।୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ଅର୍ଜିତ ଛୁଟିରେ ଥିଲେ। ଆପଣଙ୍କୁ ନିଜ କାର୍ଯ୍ୟରେ ତା୧୩।୦୬।୨୦୨୨ରିଖ ପୂର୍ବାହ୍ନରେ ଯୋଗ ଦେବାର ଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ବାଟାଲିଅନରେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୯୫୯/ଆର୍.ଓ., ତା୨୦।୦୬।୨୦୨୨, ୯୬୦/ଆର୍.ଓ., ତା୨୦।୦୬।୨୦୨୨ ଏବଂ ୯୬୧/ଆର୍.ଓ., ତା୨୦।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0010/2223


# ବିଦ୍ୟୁତ୍ ସମସ୍ୟା: କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ଚିକିଟି,୨୧।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ୍ ଅନ୍ତର୍ଗତ ସୋନପୁର ଗ୍ରାମରେ ଦୀର୍ଘଦିନ ଧରି ଲାଗିରହିଥିବା ସମସ୍ୟାଗୁଡିକ ସମାଧାନ ନ ହେବା ଫଳରେ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଯାହାଫଳରେ ଲୋକମାନେ ଅସନ୍ତୁଷ୍ଟ ହୋଇ ଗୁରୁବାର ମଧ୍ୟାହ୍ନରେ କନିଷିଠାରେ ଥିବା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଧରି ଘେରାଉ କରିଥିଲେ । ଘଟଣା ସ୍ଥଳକୁ କନିଷ୍ଠଯନ୍ତ୍ରୀ ନନ୍ଦକିଶୋର ଦାସ ପହଞ୍ଚିଥିଲେ । ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରି ଅପରାହ୍ନରେ ଘଟଣାସ୍ଥଳକୁ ଯାଇ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ହେବାପରେ ଲୋକମାନେ ଶାନ୍ତ ପଡିଥିଲେ । ପ୍ରକାଶ ଯେ ଦୀର୍ଘଦିନ ହେଲା ଏଠାରେ ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ନିରବିଚ୍ଛିନ୍ନ ବିଦ୍ୟୁତ୍ କାଟ ଲାଗି ରହୁଛି । ବିଦ୍ୟୁତ୍ କାଟ ହେଲେ ଆସିବାର ଠିକ୍ ଠିକଣା ନାହିଁ । ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପଢା ସାଙ୍ଗକୁ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବ୍ୟବସାୟୀ । ଗ୍ରାମର ଶେଷ ମୁଣ୍ଡରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ବିପଦସଂକୁଳ ଅବସ୍ଥାରେ ରହିଛି । ଏହାକୁ ତାରବାଡ ଭିତରେ ରଖାଯାଇ ନ ଥିବାରୁ କେତେବେଳେ କ'ଣ ଘଟିବ ତାହାକହି ହେଉନାହିଁ। ଗ୍ରାମର ପ୍ରତ୍ୟେକ ସାହିରେ ୧୧ କେଭି ତାର ଝୁଲିବା ଅବସ୍ଥାରେ ଥିଲେ ମଧ୍ୟ ସେହି ତାରକୁ ସ୍ଥାନାନ୍ତର କରାଯାଉନାହିଁ । ଯାହାଫଳରେ ପବନ ବହିଲେ ଝୁଲିବା ଅବସ୍ଥାରେ ତାର ଘରଗୁଡିକୁ ଲାଗି ନଷ୍ଟ କରୁଛି । ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଏକ ସପ୍ତାହ ମଧ୍ୟରେ ଏଥିପ୍ରତି କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ କନିଷ୍ଠଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି । ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/PO- Nayabazar, Cuttack -753004, Tel No. 0671-2444488, Email-serw_kpd@yahoo.com

No. Tender Online RCK-20/22 Letter No.1728 Date:19.07.2022

**E-Procurement NOTICE**

**No.O-692:The Chief Construction Engineer, R. W. Circle, Kendrapara-Jajpur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Jajpur for 4 (Four)** numbers of packages with estimated cost totaling to **Rs.1592.47** lakh (Approximately) including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement: dtd 25.07.2022**

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security declaration and(c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R W. Circle, Kendrapara-Jajpur** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Summary for key dates is provided below;**

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara- Jajpur | Tender RCK-20/22 | 25.07.2022 at 11.00 A.M. | 16.08.2022 to 5.00 P.M. | 12.08.2022 upto 5.00 P.M. | 17.08.2022 at 11.00 A.M. | Will be intimated later |

**Date of Submission of original documents such as Bid Security Declaration, Cost of Bid document and Affidavit: Dt** 17.08.2022 **at 11.30 A.M. to** 20.08.2022 **at 5.30 P.M.**

Further details can be seen from the website **www.pmgsytenders.gov.in**

**Sd./- Chief Construction Engineer, Rural Works Circle, Kendrapara- Jajpur**
**OIPR-25129/11/0020/2223**



**POLICE COMMISSIONERATE BHUBANESWAR-CUTTACK**
**ODISHA SPECIAL ARMED POLICE**
**7TH BATTALION, BHUBANESWAR**

ପ୍ରାପ୍ତେଷୁ,

**ଶ୍ରୀ ଭୀମସେନ ନାୟକ**, ସିପାହୀ ନଂ. ୮୬୧
ପିତା: ଜଗନ୍ନାଥ ନାୟକ,
ଗ୍ରାମ: ନନ୍ଦଳା, ପୋ.ଅ.: ରାମଲେଙ୍କା
ଥାନା: କୃଷ୍ଣପ୍ରସାଦ, ଜିଲ୍ଲା: ପୁରୀ

No. D-112: ଏତଦ୍ୱରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣ ତା୨୭।୦୫।୨୦୨୨ରିଖ ପୂର୍ବାହ୍ନଠାରୁ ତା୦୧।୦୬।୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ଦିନ ପାଇଁ ସାମୟିକ ଛୁଟିରେ ଥିଲେ। ଆପଣଙ୍କୁ ତା୦୨।୦୬।୨୦୨୨ରିଖ ପୂର୍ବାହ୍ନରେ କର୍ତ୍ତବ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କିଛି ନ ଜଣାଇ ଅନୁପସ୍ଥିତ ଅଛନ୍ତି। କର୍ତ୍ତବ୍ୟରେ ଯୋଗ ଦେବା ନିମନ୍ତେ ଆପଣଙ୍କ ପାଖକୁ କାର୍ଯ୍ୟାଳୟ ପତ୍ରସଂଖ୍ୟା ୮୯୩/ଆର୍.ଓ., ତା୦୭।୦୬।୨୦୨୨, ୮୯୪/ଆର୍.ଓ., ତା୦୭।୦୬।୨୦୨୨ ଏବଂ ୮୯୫/ଆର୍.ଓ., ତା୦୭।୦୬।୨୦୨୨ ମାଧ୍ୟମରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ଆପଣ ନିଜ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି କି ଅନୁପସ୍ଥିତ ବିଷୟରେ କାର୍ଯ୍ୟାଳୟକୁ ଅବଗତ କରୁନାହାନ୍ତି।

ଏଣୁ ଆପଣଙ୍କୁ ଏହି ବିଜ୍ଞାପନ ଦ୍ୱାରା ଅବଗତ କରାଇ ଦିଆଯାଉଅଛି କି ଆପଣ ଏହି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ଲିଖିତ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ, ନଚେତ୍ ଆପଣଙ୍କ ବିରୋଧରେ ନିୟମାନୁଯାୟୀ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଆରକ୍ଷୀ ଉପ–ଆୟୁକ୍ତ (ସଶସ୍ତ୍ର), (ଭାରପ୍ରାପ୍ତ)
ଓ.ଏସ୍.ଏ.ପି. ୭ମ ବାଟାଲିଅନ, ଭୁବନେଶ୍ୱର
OIPR-12121/11/0009/2223


# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଶେରଗଡ, ୨୧।୭(ଡି.ଏନ.ଏ)**

ବ୍ଲକସ୍ତରୀୟ ମାଟ୍ରିକ ଟପ୍ପର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶେରଗଡ ପ୍ରେସ କ୍ଲବ, ବ୍ଲକ ମାଟ୍ରିକ ଟପ୍ପର ସମ୍ବର୍ଦ୍ଧନା ସମିତି ଓ ଆମ ପୋଲିସ ପକ୍ଷରୁ ଆୟୋଜିତ ଉତ୍ସବରେ ବରିଷ୍ଠ ଶିକ୍ଷାବିତ ହୟଗ୍ରୀବ ତ୍ରିପାଠୀ, ତହସିଲଦାର ଡ଼.ଦୟାସିନ୍ଧୁ ପରିଡା, ବିଡ଼ିଓ ମନୋରଞ୍ଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ସୌରୀଶଙ୍କର ବେହେରା, ସମ୍ବାଦିକ ସୁବ୍ରତ କୁମାର ପଣ୍ଡା, ଥାନା ଏସଆଇ ସତ୍ୟଜିତ ବେଣିଆ, ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ସାମ୍ବାଦିକ ଗୌରହରି ସାବତ, ଦେବୀ ପ୍ରସାଦ ଦାଶ, ଭିକୁ ନାୟକ, ବାସୁଦେବ ସ୍ୱାଇଁ, ଚନ୍ଦନ ପାଢ଼ୀ, ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ସମେତ ବହୁ ସାମ୍ବାଦିକ ଭାଗ ନେଇଥିଲେ। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ୨୭ଟି ବିଦ୍ୟାଳୟର ମାଟ୍ରିକ ଟପ୍ପରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ବିଦ୍ୟାଳୟସ୍ତରର ମାଟ୍ରିକ ଟପ୍ପରମାନେ।


**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o- CDM & PHO, SUNDARGARH, DIST- SUNDARGARH**

No. 3106 **ADVERTISEMENT** Date:19/07/2022

**No.E-336:**Applications are invited from eligible candidate for filling up of the following contractual positions under ZillaSwasthyaSamiti, Sundargarh.All the positions are purely temporary in nature, subject to renewal and co-terminus with the scheme as per the terms&conditions of OSH & FW Society. Lower age limit for all the positions is 21 Years as on 01.07.2022.

| Sl. No. | Name of the post | Vacancy | Remuneration& Performance Incentive (P.I) | Remarks |
|---|---|---|---|---|
| 1 | District Programme Coordinator (DPC) ,NTEP | 1 No. | Rs.30,018 + Performance Incentive | Applications are invited through Regd. Post / Speed Post only on or before 05/08/2022 up to 5.00 pm |
| 2 | Senior Treatment Supervisor ( STS), NTEP | 2 Nos. | Rs.21,174 + Performance Incentive | |

The interested eligible candidates for the above said posts are required to submit application in the prescribed format along with copy of self-attested photocopies of required testimonials to the **Office of the CDM& PHO, Sundargarh, District Headquarter Hospital, Sundargarh, Pin Code -770001 on or before dtd. 05/08/2022 up to 05.00 P.M through registered post/speed post only and the application must be superscribed with the name of the post applied for.** The details eligibility criteria, remuneration & application form can be downloaded from the official website of Sundargarh District i.e. **www.sundergarh.nic.in** Incomplete application in any form and application received after the due date will summarily be rejected. The undersigned reserves the right to cancel any or all the applications without assigning any reason thereof. The vacancy as mentioned may vary during the time of actual engagement.

**Sd/- Chief District Medical & PHO cum District Mission Director, NHM, Sundargarh**



**ZILLA SWASTHYA SAMITI, SUNDARGARH**
**DISTRICT PROGRAMME MANAGEMENT UNIT, NHM**
**O/o- CDM & PHO, SUNDARGARH, DIST- SUNDARGARH**

No. 3107 **IN-HOUSE ADVERTISEMENT** Date:19/07/2022

Applications are invited from the contractual employees currently working under NHM in the same position of OSH & FW society in other district, desiring to be posted in Sundargarh District against the vacant position mentioned below.

| Sl. No. | Name of the positions | No. of Vacancy | Remarks |
|---|---|---|---|
| 1 | RMNCH/FP Counsellor | 1 No. | **Dt.29.07.2022, Regd.Time 11.00 A.M. to 1.00 P.M.** |

Interested In-house candidates of NHM may login www.sundergarh.nic.in for details terms and conditions & application form etc. The eligible candidates may attend at office of the Chief District Medical & Public Health Officer, Sundargarh on dt- 29/07/2022 from 11.00 A.M to 01.00 P.M along with the required documents and application form. No candidates shall be allowed beyond the schedule time. The undersigned reserves the right to cancel / reject any or all the applications without assigning any reason thereof.

**Sd/- Chief District Medical & PHO cum DMD, Sundargarh**
**OIPR-10100/11/0016/2223**



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MAHANADI NORTH DIVISION-I, JAGATPUR, CUTTACK**
**E-mail ID:- exengr.mnd@gmail.com**

**'e' Procurement Notice No- MND-04/2022-23**

**No.A-412:**The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in. The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

1. Nature of Work : Road works in Canals & River Embankments
2. Total No. of Works : 10 (Ten) works
3. Bid Identification No : MND-04/2022-23
4. Tender Cost : Between Rs. 9.00 Lakhs to Rs. 75.00 Lakhs •
5. EMD : **Bid Security declaration to be furnished in the format given in Annexure-B of Section-6 of Technical Bid document**
6. Period of completion : Two Months
7. Other Details : As noted below

a) Procurement Officer : Superintending Engineer, Mahanadi North Division-1,Jagatpur email: exengr.mnd@gmail.com Ph:- 0671-2491546
b) Availability of Tender On-line for bidding : 10.00 Hours of 21.07.2022 to17.00 Hours of 30.07.2022
c) Last date & time of submission of bid document : 17.00 Hours of 30.07.2022
d) Date, time & place of Opening of Bid : 01.08.2022 at 11.30 Hours in the O/o the Superintending Engineer, Mahanadi North Division-I, Jagatpur
e) Date of Lottery (if required): 06.08.2022 at 11.30 Hours

Further details can be seen from the Govt. website **"https://tendersodisha.gov.in"**

**Sd./- Superintending Engineer,**
**Mahanadi North Division-I, Jagatpur**
**OIPR-32003/11/0006/2223**